୨୬ ବର୍ଷରେ

ସର୍ବଧର୍ମ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.45 Bhubaneswar Friday March 22 2024 ୨୬ତମ ବର୍ଷ ସଂଖ୍ୟା-୪୫ ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୨୨, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS



ରାଜ୍ୟସଭା ସାଂସଦଙ୍କ ନିରଜ ଡାଙ୍ଗୀ ହାଇଦ୍ରାବାଦଠାରେ ତେଲେଙ୍ଗାନା ରାଜ୍ୟପାଳ ଶ୍ରୀ ସି.ପି. ରାଧାକ୍ରିଷ୍ଣନଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତ୍ ଅବସରରେ

## ରାଜ୍ୟରେ ଆଗାମୀ ୩ ଦିନରେ ବଢ଼ିବ ତାପାମାତ୍ରା !

ଭୁବନେଶ୍ୱର, ୨୧ ।୩(ପି.ଏ): ରାଜ୍ୟରେ ଗତ କିଛିଦିନ ହେବ କାଳବୈଶାଖୀ ବର୍ଷା ଯୋଗୁଁ ତାପମାତ୍ରା କମିଯାଇଥିଲା । କିନ୍ତୁ ବର୍ତ୍ତମାନ ରାଜ୍ୟ ଦିନର ତାପମାତ୍ରା ବଢ଼ିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଅଧିକାଂଶ ସ୍ଥାନରେ ଦିନ ତାପମାତ୍ରା ୮ ରୁ ୧୦ ଡିଗ୍ରୀ ବଢ଼ିବାର ସମ୍ଭାବନା ରହିଛି । ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡିଶାର କିଛି ଅଞ୍ଚଳରେ ୪୦ ଡିଗ୍ରୀ ଛୁଇଁପାରେ ।ସେହିଭଳି ଆଜି ସକାଳୁ ସକାଳୁ ଟ୍ୱିନ୍ ସିଟିରେ ଘନ କୁହୁଡିର ଆସ୍ତରଣ ଦେଖିବାକୁ ମିଳିଥିଲା । ଘନ କୁହୁଡି ଯୋଗୁଁ ରାସ୍ତା ଠିକ୍ ଭାବେ ଦେଖାଯାଉନଥିଲା । ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଲଗାଣ ବର୍ଷା ପରେ ଟ୍ୱିନ୍ ସିଟିରେ ଶୀତ ସାଙ୍ଗକୁ ଘନ କୁହୁଡି ଦେଖାଦେଥିଲା ।ଦୁଇ ଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଥିବା ବେଳେ ଆଜି ସକାଳୁ ସକାଳୁ ଟ୍ୱିନ୍ ସିଟିରେ ଘନ କୁହୁଡି ଦୃଶ୍ୟମାନ ହୋଇଥିଲା । ତେବେ ଆଜି ଠାରୁ ପାଗ ବଦଳିବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଛି । ଆସନ୍ତାକାଲିଠାରୁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବାର ସମ୍ଭାବନା ରହିଛି । ଏହା ସହ ଦିନର ତାପମାତ୍ରା ୮ରୁ ୧୦ ଡିଗ୍ରୀ ଯାଏଁ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଆଜି ୬ଟି ଜିଲ୍ଲା ଯଥା କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଏବଂ ଙ୍କାନାଳର ଗୋଟିଏ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହୋଇପାରେ ।

## କେଜ୍ରିଓ୍ୱାଲ ନିରାଶ, ଜରୁରୀ ଶୁଣାଣି ପାଇଁ ମନା କଲେ ସୁପ୍ରିମକୋର୍ଟ

ଭୁବନେଶ୍ୱର, ୨୧ ।୩(ପି.ଏନ): ଇଡି ରେଡ ଓ ସମ୍ଭାବ୍ୟ ଗିରଫଦାରୀ ଭୟରେ ସୁପ୍ରିମକୋର୍ଟରେ ପହଞ୍ଚିଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ନିରାଶ ହେବାକୁ ପଡିଛି । କେଜ୍ରିଓ୍ୱାଲଙ୍କ ଲିଗାଲ ଟିମ ସୁପ୍ରିମକୋର୍ଟରେ ପହଞ୍ଚି ଜରୁରୀ ଶୁଣାଣି ପାଇଁ ଆବେଦନ କରିଥିଲେ । ଅଭିଷେକ ସିଙ୍ଘଭୀଙ୍କ ନେତୃତ୍ୱରେ ଗୋଟିଏ ଟିମ ସୁପ୍ରିମକୋର୍ଟରେ ପହଞ୍ଚିଥିଲେ । ହେଲେ ସୁପ୍ରିମକୋର୍ଟ ଜରୁରୀ ଶୁଣାଣି ପାଇଁ ମନା କରି ଦେଇଛନ୍ତି । ମଧ୍ୟରାତ୍ର ଶୁଣାଣି ପାଇଁ କୋର୍ଟ ମନା କରି ସକାଳେ ଆସିବାକୁ କହିଛନ୍ତି ।



## କେବଳ ଡାକ୍ତର ନୁହେଁ ଉପହାର କାହାକୁ ଦିଆଯାଇପାରିବ ନାହିଁ ବୋଲି ଆଇନ୍ କରାଯାଉ

ଭୁବନେଶ୍ୱର, ୨୧ ।୩(ପି.ଏନ): ଗତ ଗୁରୁବାର ଠାରୁ କେନ୍ଦ୍ର ସରକାରଙ୍କ ତରଫରୁ ନୂତନ ସମାନତା ସଂହିତା ଫାର୍ମାସିଟିକାଲ ବିପଣ ଅଭ୍ୟାସ ଲାଗୁକରାଯାଇଛି । ନୂତନ ସଂହିତା ଅନୁଯାୟୀ କମ୍ପାନୀମାନେ ଉପହାର ଦେଇ ପାରିବେ ନାହିଁ । ହୋଟେଲରେ ରହିବା ଓ ଟିକେଟ ସମେତ ଉପହାର ଦେଇପାରିବେ ନାହିଁ ବୋଲି କୁହାଯାଇଛି । କିନ୍ତୁ ଆମ ଦେଶରେ କେବଳ ଡାକ୍ତର ନୁହେଁ, ରାଜନୈତିକ ନେତା, ମନ୍ତ୍ରୀ, ଲୋକସଭା ସାଂସଦ, ରାଜ୍ୟସଭା ସାଂସଦ, ବିଧାୟକ, ଆଇ.ଏ.ଏସ୍., ଆଇ.ପି.ଏସ୍. ଅଫିସର, ଇଂଜିନିୟର, ସି.ଇ.ଓ. ଓ ଏମ୍.ଡ଼ି ମାନଙ୍କୁ ମୂଲ୍ୟବାନ ଉପହାର ବିଭିନ୍ନ କାର୍ଯ୍ୟକ୍ରମରେ ଯଥା ଦୁର୍ଗାପୂଜା, କାଳିପୂଜା, ହୋଲି, ନବବର୍ଷ, ସଂକ୍ରାନ୍ତି ଏପରିକି ବିବାହ, ବ୍ରତ ଉତ୍ସବରେ ନିଜର କାର୍ଯ୍ୟ, ଠିକା କାର୍ଯ୍ୟ ତଥା ବିଭିନ୍ନ ସ୍ୱାର୍ଥଗତ କାର୍ଯ୍ୟରେ ବହୁମୂଲ୍ୟ ଉପହାରମାନ ଖୋଲା ଖୋଲି ଦିଆଯାଉଛି । ଏପରିକି ବିଭିନ୍ନ ସରକାରୀ ଉଦ୍ୟୋଗ, ବେସରକାରୀ ଉଦ୍ୟୋଗ ଏବଂ ଏନ୍.ଜି.ଓ ମାନଙ୍କର ବିଭିନ୍ନ କାର୍ଯ୍ୟକ୍ରମ ସମ୍ମାନ ସମାରୋହ କାର୍ଯ୍ୟକ୍ରମ ଆଳରେ ବିଜ୍ଞାପିତ, ପ୍ରମୋସନ ନାମରେ କମ୍ପାନୀମାନେ ବହୁ ଅର୍ଥ ବ୍ୟୟ କରିବାର ମଧ୍ୟ ଉଦାହାରଣ ଅଛି । ଏଣୁ କେବଳ ଫାର୍ମାସିଟିକାଲ କମ୍ପାନୀ ବା ଡାକ୍ତରମାନେ ନିର୍ଦ୍ଦିଷ୍ଟ ଭାବରେ ଟର୍ଗେଟ ନ କରି ଯଦି କେନ୍ଦ୍ର ସରକାର ଓ ରାଜ୍ୟ ସରକାର ପ୍ରକୃତ ପକ୍ଷେ ସ୍ୱାର୍ଥ ଜନିତ ଓ ସଂପର୍କୀତି ଉପହାର ସଂପୂର୍ଣ୍ଣବାରଣ କରିବାକୁ ଚାହୁଁଛନ୍ତି ତେବେ ସମଗ୍ର ଦେଶରେ ଓ ଆମ ରାଜ୍ୟ ଓଡ଼ିଶାରେ ମୁଲ୍ୟବାନ ଉପହାର ଦେବା କଥା, ବ୍ୟକ୍ତିଗତ ସ୍ୱାର୍ଥଜନିତ ଓ ସଂପର୍କୀତ ସମ୍ମାନ ସମାରୋହରେ ଉପହାର ଦେବା ପାଇଁ ସଂପୂର୍ଣ୍ଣ ବନ୍ଦ କରିବା ପାଇଁ ଆଇନ ପ୍ରଣୟନ କରିବା ପାଇଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପ୍ରାକ୍ତନ ସାଂସଦ ଡ. ରାମଚନ୍ଦ୍ର ଖୁଂଟିଆ ଦୃଢ଼ ଦାବୀ କରିବା ସହିତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରର ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ।

## ଦୁଇ ଫାଳ ବିଜେଡ଼ି: ମନ୍ତ୍ରୀ ଢୋଲକିଆଙ୍କ ବିରୋଧରେ ମୋର୍ଚ୍ଚା ଖୋଲିଛନ୍ତି ଜିଲ୍ଲା ସଭାପତି

ଭୁବନେଶ୍ୱର, ୨୧ ।୩(ପି.ଏନ): ନୂଆପଡା ନିର୍ବାଚନ ମଣ୍ଡଳୀରୁ କିଏ ହେବେ ବିଜେଡି ପ୍ରାର୍ଥୀ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ନା ଆଉ କିଏ? ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନି । ହେଲେ ତା'ପୂର୍ବରୁ ଦମ୍ ଦେଖାଇବାରେ ବିଜେଡିର ଦୁଇ ଗୋଷ୍ଠୀ । ନୂଆପଡା ବିଧାୟକ ତଥା ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆଙ୍କ ବିରୋଧରେ ମୋର୍ଚ୍ଚା ଖୋଲିଛନ୍ତି ଜିଲ୍ଲା ବିଜେଡି ସଭାପତି



ମନୋଜ କୁମାର ମିଶ୍ର । ଗତ ୧୬ ତାରିଖରେ ଶ୍ରୀ ମିଶ୍ର ଓ ତାଙ୍କ ସମର୍ଥକ ବିଶାଳ ଶୋଭାଯାତ୍ରା କରି ମନ୍ତ୍ରୀଙ୍କ ବିରୋଧରେ ଆଣିଛନ୍ତି ମାଳ ମାଳ ଦୁର୍ନୀତି ଅଭିଯୋଗ । ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ଢୋଲକିଆଙ୍କ ସମର୍ଥକ ଆସନ୍ତାକାଲି ଦମ୍ ଦେଖାଇବା ପାଇଁ ରାସ୍ତାକୁ ଓହ୍ଲାଇବେ ବୋଲି ଜଣାପଡିଛି । ଯାହାକୁ ନେଇ ଅଡୁଆ ସ୍ଥିତିରେ ବିଜେଡି ମୁଖିଆ ।

## ଆରଟିଓ କହି ରାସ୍ତାରେ ଗାଡି ଯାଞ୍ଚ କରୁଥିଲେ, ମାଡି ବସିଲା ପୁଲିସ୍

ଭୁବନେଶ୍ୱର, ୨୧ ।୩(ପି.ଏନ): ଆରଟିଓ ଅଫିସର କହି ରାସ୍ତା ପାର୍ଶ୍ୱରେ ଗାଡିର କାଗଜପତ୍ର ଯାଞ୍ଚ କରୁଥିଲେ । ଦୀର୍ଘ ଦିନ ଧରି ଏହି ବେପାର ଚଳାଇଥିଲେ । ହେଲେ ଆଜି ବେଳା ଭଲନଥିଲା । ସକାଳେ ବକ୍ରା ଖୋଜୁଥିବା ବେଳେ ପୁଲିସ୍ ହାବୁଡରେ ପଡିଥିଲେ ଦୁଇ ଫେକ୍ ଆରଟିଓ ଅଫିସର । ବାଲେଶ୍ୱର ଦେଇ ଯାଇଥିବା ୬୦ ନମ୍ବର ଜାତୀୟ ରାଜପଥ(NH)ର ଲକ୍ଷ୍ମଣ ନାଥ ଟୋଲ୍ ଗେଟ୍ ନିକଟରୁ ପୁଲିସ୍‌କୁ ଏହି ସଫଳତା ମିଳିଛି । ଜଳେଶ୍ୱର ଅଞ୍ଚଳର ତୁଷାର ରଞ୍ଜନ



ପରିଡା ଓ ଝାରଖଣ୍ଡ ନନ୍ଦଦିଆ ଗାଁର ଦେବେନ୍ଦ୍ର ନାଥ ସାହୁ ୬୦ ନମ୍ବର ଜାତୀୟ ରାଜପଥ(NH)ର ଲକ୍ଷ୍ମଣ ନାଥ ଟୋଲ୍ ପ୍ଲାଜା ଓ ଆଖପାଖ ଅଞ୍ଚଳରେ ନିୟମିତ ଛିଡା ହେଉଥିଲେ । ଆଉ ସେମାନେ ନିଜକୁ ଆରଟିଓ ଅଫିସର ଭାବେ ପରିଚୟ ଦେଉଥିଲେ । ସେହି ରାସ୍ତା ଦେଇ ଯିବାଆସିବା କରୁଥିବା ଗାଡିର କାଗଜପତ୍ର ଯାଞ୍ଚ କରୁଥିଲେ । ଯାହାର କାଗଜପତ୍ର ଠିକ୍ ନଥିଲା, ତା'ଠାରୁ ମୋଟା ଅଙ୍କର ଫାଇନ୍ ଆଦାୟ କରୁଥିଲେ । ଦୀର୍ଘଦିନ ଧରି ଦେବେନ୍ଦ୍ର ଓ ତୁଷାର ଏ କାରବାର କରୁଥିଲେ ।

## ଗିରଫ ହେବେ କି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ ?

ଭୁବନେଶ୍ୱର, ୨୧ ।୩(ପି.ଏନ): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଗିରଫ କରିପାରେ । ଦିଲ୍ଲୀର ତଥାକଥିତ ଅବକାରୀ ନୀତି ଦୁର୍ନୀତି ଘଟଣାରେ ତାଙ୍କୁ ଗିରଫ କରାଯାଇ ପାରେ । ଏହି ଘଟଣାରେ ଇଡି ତାଙ୍କୁ ୯ଥର ସମନ କରିଥିଲେ ହେଁ ସେ ଏହାକୁ ଖାତିର କରି ନଥିଲେ । ଇଡି କାଳେ ଗିରଫ କରି ନେବ, ସେହି ଆଶଙ୍କାରେ କେଜ୍ରିଓ୍ୱାଲ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଦିଲ୍ଲୀ ହାଇକୋର୍ଟରୁ ନିରାଶ ହେବା କ୍ଷଣି କେଜ୍ରିଓ୍ୱାଲଙ୍କ ଅଡୁଆ ବଢ଼ିଛି ।ହାଇକୋର୍ଟ କେଜ୍ରିଓ୍ୱାଲଙ୍କ ଆବେଦନ ଖାରଜ କରିବା କ୍ଷଣି ଇଡିର ୮ ଜଣିଆ ଟିମ ତାଙ୍କ ଘରେ ପହଞ୍ଚି ଯାଇଛନ୍ତି । ଇଡିର ଅଧିକାରୀମାନେ ତାଙ୍କ ଘର ସର୍ଚ୍ଚ କରୁଥିବା ବେଳେ ବୟାନ ମଧ୍ୟ ରେକର୍ଡ କରୁଛନ୍ତି । ପ୍ରିଭେନସନ ଅଫ ମନି ଲଣ୍ଡରିଂ ଆକ୍ଟର ଧାରା ୫୦ ଅନୁଯାୟୀ ତାଙ୍କ ବୟାନ ରେକର୍ଡ ହେଉଛି । କେଜ୍ରିଓ୍ୱାଲ ଓ ତାଙ୍କ ପରିବାର ଲୋକଙ୍କ ଫୋନକୁ ମଧ୍ୟ ଇଡି ଜବତ କରି ନେଇଛି ।



## ରାତି ଅଧିଆ ଚଢ଼ାଉରେ ଫସିଗଲେ ଶିକାରୀ: ବନ୍ଧୁକ ସହ ୬ ଜଣଙ୍କୁ ଗିରଫ

ନୀଳଗିରି, ୨୧ ।୩(ପି.ଏନ): ବାଲେଶ୍ୱର ଜିଲ୍ଲା ନୀଳଗିରିରେ ଅଚାନକ ରାତି ଅଧରେ ଚଢ଼ାଉ କରିଛି ପୋଲିସ । ସ୍ଥାନୀୟ ବାହାବନ୍ଧ ନିକଟ ଡେଉଁଚ଼ଖାଲ ଗାଁରେ ପୋଲିସର ଏହି ଚ଼ଢାଉ କରାଯାଇଛି । ନୀଳଗିରି ପୋଲିସ ଏବଂ ବନ ବିଭାଗର ଏହି ମିଳିତ ଚଢ଼ାଉରେ ୬ ଜଣଙ୍କୁ ପୋଲିସ ଗିରଫ କରିଛି । ଗିରଫ ହୋଇଥିବା ୬ ଜଣ ଶିକାରୀଙ୍କୁ ବନ୍ଧୁକ ସହ ପୋଲିସ ଗିରଫ କରିଥିବା ଜାଣିବାକୁ ମିଳିଛି । ଏମାନଙ୍କ ନିକଟରୁ ପୋଲସ ୬ଟି ବନ୍ଧୁକ ଜବତ କରିଛି ।ନୀଳଗିରି କୁଲଡିହା ଅଭୟାରଣ୍ୟରେ ହୋଇଥିଲା ଏହି କମ୍ବିଂ ଅପରେସନ୍ । ଏଥିରେ ୬ଟି ଦେଶୀ ବନ୍ଧୁକ ସହ ୬ ଜଣ ଶିକାରୀଙ୍କୁ ପୋଲିସ ଗିରଫ କରିଥିବା ଜାଣିବାକୁ ମିଳିଛି । ଏହି ଚ଼ଢାଉରେ ନୀଳଗିରି ପୋଲିସ, କୁଲଡିହା ବନ ବିଭାଗ ଏବଂ ଶିମିଳିପାଳ ଟାଇଗର୍ସ ପ୍ରୋଟେକ୍ସନ ଫୋର୍ସ ସାମିଲ ରହିଥିଲେ । ଶିକାରୀ ଗୁଳିରେ ବନ ବିଭାଗ କର୍ମଚ଼ାରୀ ଆହତ ହେବା ପରେ ଏଭଳି ପଦକ୍ଷେପ ନିଆଯାଇଛି ।

## ଟ୍ୱିନ୍ ସିଟିରେ ଘନ କୁହୁଡି, ଯାତାୟାତ ବାଧାପ୍ରାପ୍ତ

ଭୁବନେଶ୍ୱର, ୨୧ ।୩(ପି.ଏନ): ସକାଳୁ ସକାଳୁ ଟ୍ୱିନ୍ ସିଟିରେ ଘନ କୁହୁଡିର ଆସ୍ତରଣ ଦେଖିବାକୁ ମିଳିଛି । ଘନ କୁହୁଡି ଯୋଗୁଁ ରାସ୍ତା ଠିକ୍ ଭାବେ ଦେଖାଯାଉନାହିଁ । ଫଳରେ ଯାନବାହନ ଚ଼ଳାଚ଼ଳ ବାଧାପ୍ରାପ୍ତ ହୋଇଛି । ଘନ କୁହୁଡି ଯୋଗୁଁ ୨୦ ମିଟର ଯାଏଁ ରାସ୍ତା ଦେଖାଯାଉ ନାହିଁ । ଲଗାଣ ବର୍ଷା ପରେ ଟ୍ୱିନ୍ ସିଟିରେ ଶୀତ ସାଙ୍ଗକୁ ଘନ କୁହୁଡି ଦେଖାଦେଇଛି ।ଦୁଇ ଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଥିବା ବେଳେ ଆଜି ସକାଳୁ ସକାଳୁ ଟ୍ୱିନ୍ ସିଟିରେ ଘନ କୁହୁଡି ଦୃଶ୍ୟମାନ ହୋଇଥିଲା । ତେବେ ଆଜି ଠାରୁ ପାଗ ବଦଳିବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଛି । ଆସନ୍ତାକାଲିଠାରୁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବାର ସମ୍ଭାବନା ରହିଛି । ଏହା ସହ ଦିନର ତାପମାତ୍ରା ୮ରୁ ୧୦ ଡିଗ୍ରୀ ଯାଏଁ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଆଜି ୬ଟି ଜିଲ୍ଲା ଯଥା କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଏବଂ ଢେଙ୍କାନାଳର ଗୋଟିଏ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହୋଇପାରେ ।



## ଅଖିଳ ଭାରତ କିଷାନ କଂଗ୍ରେସ ଜାତୀୟ କାର୍ଯ୍ୟକାରିଣୀ ବୈଠକରେ କିଷାନ ନ୍ୟାୟ ପ୍ରସଙ୍ଗରେ ୫ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପ

ଭୁବନେଶ୍ୱର, ୨୧ ।୩(ପି.ଏନ): ଅଖିଳ ଭାରତ କିଷାନ କଂଗ୍ରେସର ଜାତୀୟ କାର୍ଯ୍ୟକାରିଣୀ ବୈଠକ ମାର୍ଚ୍ଚ ୨୦ ତାରିଖ ଦିନ ନୂଆଦିଲ୍ଲୀ ସ୍ଥିତ ୨୪, ଆକବର ରୋଡ଼ କଂଗ୍ରେସ କାର୍ଯ୍ୟାଳୟଠାରେ କେନ୍ଦ୍ରୀୟ ଅଧକ୍ଷ ସୁଖପାଲ ସିଂ ଖୈରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ କେନ୍ଦ୍ର ଉପାଧକ୍ଷ ଅଖିଳେଶ ଶୁକ୍ଳା ଆଲୋଚ୍ୟ ପ୍ରସ୍ତାବଗୁଡ଼ିକ ଆଗତ କରିବା ପରେ ଏହା ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । କେନ୍ଦ୍ରର ବିଜେପି ସରକାରରେ ଦେଶର ସମଗ୍ର ଚାଷୀକୁଳ ଅସୁରକ୍ଷିତ । ଚାଷୀ ଫସଲ ବୀମା ଏବଂ ଉତ୍ପାଦିତ କୃଷିଜାତ ଦ୍ରବ୍ୟର ଉଚିତ୍ ମୂଲ୍ୟ ପାଇବାରୁ ବଂଚିତ । ଆଦାନି ଅମ୍ବାନୀ ଭଳି କେତେକ ବୃହତ୍ ଘରୋଇ କମ୍ପାନୀଙ୍କଠାରୁ ୧୬ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଋଣଛାଡ଼ କରାଯାଇଥିବା ବେଳେ ଦେଶର ଋଣ ଭାରରେ ଥିବା ଚାଷୀଙ୍କଠାରୁ ମୋଟ ୧୭ଲକ୍ଷ କୋଟି ଟଙ୍କା ଛାଡ଼ କରାନଯିବା ମୋଦି ସରେକାରର ଅନ୍ନଦାତାଙ୍କ ପ୍ରତି ଉଦାସୀନତା । ନରେନ୍ଦ୍ର ମୋଦି ସରକାର ଶାସନକୁ ଆସିବା ପରେ ସ୍ୱାମୀନାଥନ କମିଟି ସୁପାରିଷ ଆଧାରରେ ଏମ.ଏସ.ପିର ଦେଢ଼ଗୁଣା ବୃଦ୍ଧି ଏବଂ ଏମ.ଏସ.ପିକୁ ଆଇନଗତ ଗ୍ୟାରେଂଟି ଦେବାପାଇଁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ପରିବର୍ତ୍ତେ ଚାଷୀ ସେମାନଙ୍କ ହକ୍ ପାଇଁ ୧୩ମାସ ଲଢ଼େଇ କରିବା ଏବଂ ଏଥିରେ ୭୫୦ରୁ ଉର୍ଦ୍ଧ୍ୱ ଚାଷୀ ଶହୀଦ୍ ହେବା ପରେ ମଧ୍ୟ ଏହି ସରକାରର ଚାଷୀଙ୍କ ପ୍ରତି ତିଳେମାତ୍ର ଦରଦ ନାହିଁ ।

## ତିନିଟି ଗାଁରେ ପାନୀୟ ଜଳ ଶୋଧନ ୟୁନିଟ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୨୧ ।୩(ପି.ଏନ): ବରିଷ୍ଠ ନେତା ଡ. ଦାମୋଦର ରାଉତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଛି । ଏନେଇ ନେଇ ଦାମ ରାଉତଙ୍କ ପୁଅ ସମ୍ବିତ ରାଉତରାୟ ଗୁରୁବାର ସନ୍ଧ୍ୟାରେ ଗଣମାଧ୍ୟମକୁ ଏହି ସୂଚ଼ନା ଦେଇଛନ୍ତି । ସମ୍ବିତ କହିଛନ୍ତି ଯେ, ସକାଳ ଅପେକ୍ଷା ସ୍ଥିତି ବର୍ତ୍ତମାନ ଭଲ ଅଛି । ଡାକ୍ତରମାନେ ଚେଷ୍ଟା ଜାରି ରଖିଛନ୍ତି । ଡାକ୍ତରମାନଙ୍କ ସହ ଆଲୋଚ଼ନା କରିଛୁ । ମେଡ଼ିସିନ ଡୋଜ କମା ଯାଇଛି । ସ୍ୱାସ୍ଥ୍ୟାବସ୍ଥା ଭଲ ଆସୁଛି ।



## ବରିଷ୍ଠ ନେତା ଦାମୋଦର ରାଉତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଗମ୍ଭୀର , ସୂଚ଼ନା ଦେଲେ ସମ୍ବିତ

ଭୁବନେଶ୍ୱର, ୨୧ ।୩(ପି.ଏନ): ବରିଷ୍ଠ ନେତା ଡ. ଦାମୋଦର ରାଉତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଛି । ଏନେଇ ନେଇ ଦାମ ରାଉତଙ୍କ ପୁଅ ସମ୍ବିତ ରାଉତରାୟ ଗୁରୁବାର ସନ୍ଧ୍ୟାରେ ଗଣମାଧ୍ୟମକୁ ଏହି ସୂଚ଼ନା ଦେଇଛନ୍ତି । ସମ୍ବିତ



କହିଛନ୍ତି ଯେ, ସକାଳ ଅପେକ୍ଷା ସ୍ଥିତି ବର୍ତ୍ତମାନ ଭଲ ଅଛି । ଡାକ୍ତରମାନେ ଚେଷ୍ଟା ଜାରି ରଖିଛନ୍ତି । ଡାକ୍ତରମାନଙ୍କ ସହ ଆଲୋଚ଼ନା କରିଛୁ । ମେଡ଼ିସିନ ଡୋଜ କମା ଯାଇଛି । ସ୍ୱାସ୍ଥ୍ୟାବସ୍ଥା ଭଲ ଆସୁଛି ।








# ଟି ଟାଇମ୍

## ଜୋକ୍ସ



ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜ୍ୱତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବିଷ୍ଣୁ ଇଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଷ୍ଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଷ୍ୟରେ ସାହାଯଷ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ୟତୀତ ଅନଷ୍ୟ ରାଜଷ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ୟାରେ ପର୍ଯ୍ୟଷ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଷ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଷ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଷ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଷ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଷ୍ୟଟକଙ୍କ ଭିଡକୁ ଲକ୍ଷଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟରେ ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ୟତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଷ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଷ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଷ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଷ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଷ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ଆମେ ଶାନ୍ତି ଚାହୁଁ ଯୁଦ୍ଧ ନୁହେଁ !

ସେଦିନ ଶନିବାର ଥାଏ। ଅଫିସ କାମରେ ଯାଉଥିଲି। ଉଦୁ ଉଦୁଆ ଖରାରେ ମାଷ୍ଟର କ୍ୟାଂଟିନ ଛକରେ ଦେଖିବାକୁ ପାଇଲି ୩୦-୪୦ ଜଣ ପିଲା, ଯୁବକ ଏବଂ ବୃଦ୍ଧ ଶ୍ରେଣୀର ଲୋକମାନେ ହାତରେ ଗୋଟିଏ ଗୋଟିଏ ବ୍ୟାନର ଧରି ନୀରବ ଭାବେ ବିଶ୍ୱକୁ ଏକ ବାର୍ତ୍ତା ଦେଉଛନ୍ତି। କୁନି କୁନି ଛୁଆମାନେ ହୁଏତ ବ୍ୟାନରରେ ଲେଖା ଯାଇଥିବା ବାର୍ତ୍ତାକୁ ପଢି ପାରୁ ନଥିବେ ଅବା ବୁଝି ପାରୁ ନଥିବେ କିନ୍ତୁ ତାଙ୍କ ଆଖିକୁ ଦେଖିଲେ ସ୍ପଷ୍ଟ ଭାବେ ଜଣାପଡୁଥିଲା ଯେ ସେମାନଙ୍କ ପାଖେ ସବୁ କିଛି ଥାଇ ମଧ ସେମାନେ ଅସହାୟ। ସେମାନଙ୍କ ଠାରୁ ଅଧିକ କିଛି ଜାଣିବାକୁ ଚେଷ୍ଟ କରିଥିଲି। ଜାଣିବାକୁ ପାଇଲି ଯେ ଏବେ ଯେଉଁ ରୁଷିଆ ଏବଂ ୟୁକ୍ରେନ ଯୁଦ୍ଧ ଚାଲିଛି। ସେ ଯୁଦ୍ଧ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଗତି କରୁଛି ବୋଲି ଏହି କୁନି କୁନି ପିଲାମାନେ ପୋଷ୍ଟର ଏବଂ ବ୍ୟାନର ମାଧ୍ୟମରେ ଅବଗତ କରାଉଛନ୍ତି। ତାଙ୍କ ଆଖିର ଚାହାଣି କହୁଛି ଯେ ଆମେମାନେ ଦେଶର ଏବଂ ଏ ଧରାପୃଷ୍ଠର ଭବିଷ୍ୟତ। ଆମେ ପୃଥିବୀରେ ବଂଚିବାକୁ ଚାହୁଁଛୁ। ଦେଶ ମାତୃକାର ବିକାଶ, ଉନ୍ନତି ଏବଂ ପ୍ରଗତିରେ ଅଂଟା ଭିଡ଼ି ଛିଡ଼ା ହେବାକୁ ଚାହୁଁଛୁ। ବିଗତ ବର୍ଷମାନରେ ମଣିଷ ଦୁଇ ଦୁଇ ଗୋଟି ବିଶ୍ୱଯୁଦ୍ଧର ବିଭିଷିକା ଦେଖି ସାରିଛି ଏବଂ ତାର କୁପରିଣାମ ଏପର୍ଯ୍ୟନ୍ତ ମଧ ଭୋଗି ଆସୁଛି। ନୀରବତା ସାଜି ଏ କୁନି ପିଲାମାନେ ଆମ ସରକାରଙ୍କୁ ଜଣାଇ ଦେବାକୁ ଚାହୁଁଛନ୍ତି ଯେ ଆମ ଦେଶର ବିକାଶ ଓ ଉନ୍ନତି ପାଇଁ ଆମେ ଜୀବିତ ରହିବାକୁ ଚାହୁଁ। କାରଣ ଯଦି ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଏ ତେବେ ନିଶ୍ଚିତରେ ଆମ ଦେଶର ସାହାଯ୍ୟ ମଧ କେହି ରାଷ୍ଟ୍ର ଲୋଡ଼ିବ। ଅପର ପକ୍ଷ ରାଷ୍ଟ୍ର ଆମ ଦେଶର ମଧ ଶତ୍ରୁ ସାଜିବ। ଆମ ରାଷ୍ଟ୍ରର ସୁରକ୍ଷା ପାଇଁ ଲଢ଼ିବାକୁ ପଡ଼ିବ। ଭୟାବହ ପରିସ୍ଥିତି ଉପୁଜିବ। ଧ୍ୱଂସ ବିଧ୍ୱଂସର ଆତଙ୍କ ଖେଳିବ। ଆମ ଭବିଷ୍ୟତ ଅନ୍ଧକାର ହୋଇଯିବ। ପରମାଣୁ ଅସ୍ତ୍ରଶସ୍ତ୍ରର ବ୍ୟବହାର ଦ୍ୱାରା ଆମ ପିଢି ଏବଂ ଆଗନ୍ତୁକ ପିଢି ଉପରେ ଏହାର କୁପ୍ରଭାବ ପଡ଼ିବ। ଏପରି ପରିସ୍ଥିତି ଆଗକୁ କିପରି ନଆସୁ ଏବଂ ଆମ ଆଗନ୍ତୁକ ପିଢି କିପରି ବିଶ୍ୱଯୁଦ୍ଧ ନଦେଖୁ। ମାନବ ଜାତି କିପରି ଅଧିକ ଦିନ ତିଷ୍ଠି ରହୁ। ଏପରି ସବୁ ଆନ୍ତର୍ଜାତିକ ସମସ୍ୟା ଓ ତାର ସମାଧାନ ବିଷୟରେ ଏମାନେ ଜନ ସଚେତନ ସୃଷ୍ଟି କରୁଛନ୍ତି।





ପଢିବାକୁ ପାଇଲି ଯେ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ଜମାତ ଭାରତ ପକ୍ଷରୁ ଭାରତର ବିଭିନ୍ନ ସହରରେ "ତୃତୀୟ ବିଶ୍ୱଯୁଦ୍ଧ ବନ୍ଦ କର" ଉପଲକ୍ଷେ ଶାନ୍ତି-ଶୃଙ୍ଖଳା ପ୍ରକ୍ରିୟାରେ ଶାନ୍ତିର ବାର୍ତ୍ତା ପ୍ରଦର୍ଶିତ କରାଯାଉଛି। ବିଗତ ଅନେକ ବର୍ଷ ଧରି ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ଜମାତର ସର୍ବୋଚ୍ଚ ମୁଖ୍ୟ ହଜରତ ମିର୍ଜା ମସରୁର ଅହମଦ ଦୁନିଆର ମହାଶକ୍ତିଶାଳୀମାନଙ୍କୁ ସତର୍କ କରି ଆସୁଛନ୍ତି ଯେ ସେମାନେ ବିଂଶ ଶତାବ୍ଦିରେ ହୋଇଥିବା ଦୁଇଗୋଟି ଐତିହାସିକ ବିଧ୍ୱଂସକାରୀ ବିଶ୍ୱଯୁଦ୍ଧରୁ ଶିକ୍ଷା ହାସଲ କରିବା ଉଚିତ। ଏ ସଂପର୍କରେ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ଜମାତର ସର୍ବୋଚ୍ଚ ମୁଖ୍ୟ ବିଭିନ୍ନ ଜାତି ଓ ସଂପ୍ରଦାୟର ମୁଖ୍ୟଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି ଯେ ସେମାନେ ଜାତିବାଦ ଓ ବ୍ୟକ୍ତିଗତ ଲାଭକୁ ଭୁଲି ସବୁ କ୍ଷେତ୍ରରେ ପ୍ରକୃତ ନ୍ୟାୟକୁ ପ୍ରତିଷ୍ଠା କରି ବିଶ୍ୱଶାନ୍ତି ଓ ନିରାପତାକୁ ଅଗ୍ରାଧିକାର ଦିଅନ୍ତୁ। ସମୟର ଏହା ଅତ୍ୟନ୍ତ ଆବଶ୍ୟକତା ଯେ ଆଉ ଅଧିକ ଯୁଦ୍ଧ ଓ ରକ୍ତପାତ ନହେଉ। ଏଥି ପ୍ରତି ସମସ୍ତ ପ୍ରକାରର ପ୍ରୟାସ କରିବା ଉଚିତ। ଏବେ ବି ସମୟ ଅଛି, ବିଶ୍ୱ ଧ୍ୱଂସମୁଖରୁ ପଛକୁ ଚାଲିଆସୁ। ସେ କହିଛନ୍ତି ଯେ ମୁଁ ରୁଷ, ନାଟୋ ଏବଂ ସମସ୍ତ ମହାଶକ୍ତିମାନଙ୍କୁ ଦୃଢ ଭାବେ କହିବାକୁ ଚାହୁଁଛି ଯେ ସେମାନେ ନିଜର ସମସ୍ତ ପ୍ରକାରର ପ୍ରୟାସକୁ ମାନବର ବିକାଶ ପାଇଁ କଳହକୁ ସମାପ୍ତ କରି ଏକ କୂଟନୈତିକ ମାଧ୍ୟମରେ ଶାନ୍ତିର ମାର୍ଗକୁ ଅନୁସନ୍ଧାନ କରନ୍ତୁ।

ପୁଣି ସେ କୁହନ୍ତି; ଆଜି ଏବଂ ଆଗାମୀରେ ମଧ ବିଶ୍ୱର ମହାଶକ୍ତିମାନେ ଯୁଦ୍ଧ, ରକ୍ତପାତ ଏବଂ ଧ୍ୱଂସଲୀଳାର କରାଳରୁ ମାନବ ସମାଜକୁ ସୁରକ୍ଷିତ ରଖିବା ପାଇଁ ସଂପୂର୍ଣ୍ଣ ଭାବେ ଦାୟିତ୍ୱ ତୁଲାନ୍ତୁ। ମହାଶକ୍ତିର ମୁଖ୍ୟମାନେ ଏବଂ ସେମାନଙ୍କର ସରକାର ଏପରି ପଦକ୍ଷେପ ନ ନିଅନ୍ତୁ, ଯାହା ଆମ ପିଲାମାନଙ୍କ ଏବଂ ଆଗନ୍ତୁକ ପିଢିର ଭବିଷ୍ୟତକୁ ଧ୍ୱଂସ କରି ଦେବ। ବରଂ ସେମାନଙ୍କର ପ୍ରତ୍ୟେକ ପ୍ରୟାସ ଏହା ସୁନିଶ୍ଚିତ ହେବା ଉଚିତ୍ ଯେ ଆମେ ଆମର ଆଗାମୀ ପିଢିଙ୍କ ପାଇଁ ଏକ ସୁଖ-ଶାନ୍ତିମୟ ସଂସାର ଛାଡ଼ି ଯିବା।

ସଂସାରରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ପ୍ରତ୍ୟେକ ସ୍ତରରେ ପ୍ରୟାସ କରିବା ଉଚିତ୍। ମଣିଷକୁ ବ୍ୟକ୍ତିଗତ ଭାବେ ମଧ ଏ ସଂପର୍କରେ ପ୍ରୟାସ କରିବା ଉଚିତ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଆମକୁ ନିମ୍ନ ଲିଖିତ ଦଶଗୋଟି ନୀତିଗୁଡ଼ିକୁ ପାଳନ କରିବା ଉଚିତ। ୧. ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନନ୍ତୁ। ୨. ପୂର୍ଣ୍ଣ ନ୍ୟାୟ ପ୍ରତିଷ୍ଠା କରନ୍ତୁ। ୩. ବିଶ୍ୱବ୍ୟାପୀ ଏକତାକୁ ପ୍ରଶ୍ରୟ ଦିଅନ୍ତୁ। ୪. ପରମାଣୁ ଅସ୍ତ୍ରର ବର୍ଜନ କରନ୍ତୁ। ୫. ଅସ୍ତ୍ରଶସ୍ତ୍ରର ବ୍ୟବସାୟରୁ ଲାଭ ଉପାର୍ଜନ କରିବା ବନ୍ଦ କରନ୍ତୁ। ୬. ଅର୍ଥନୈତିକ ସମାନତା ସୃଷ୍ଟି କରନ୍ତୁ ଏବଂ ଦାରିଦ୍ର୍ୟ ଦୂର କରନ୍ତୁ। ୭. ଦେଶର ବିକାଶ ଓ ଉନ୍ନତି ସକାଶେ ଉଦ୍ୟମ କରନ୍ତୁ। ୮. ଚରମପନ୍ଥୀ ଦଳକୁ ପ୍ରତିବାଦ କରନ୍ତୁ। ୯. ମାନବ ଜାତିର ସେବା କରନ୍ତୁ। ୧୦. ପାରସ୍ପରିକ ଆସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରନ୍ତୁ। ଶାନ୍ତି ସ୍ଥାପନା ପାଇଁ ଉକ୍ତ ନୀତିଗୁଡ଼ିକୁ ପ୍ରତ୍ୟେକ ସହରବାସୀଙ୍କୁ ପହଂଚାଇବା ପାଇଁ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ଜମାତ ପକ୍ଷରୁ ଏହି ପ୍ରଦର୍ଶନୀର ଆୟୋଜନ କରାଯାଉଛି। ଅହମଦୀୟା ମୁସଲିମ ଜମାତ ଏକ ଆଧାତ୍ମିକ ଓ ଧାର୍ମୀକ ସଂଗଠନ। ଯାହାର ଉଦ୍ଦେଶ୍ୟ "ପ୍ରେମ ସଭିଙ୍କ ପାଇଁ - ଘୃଣା କାହାକୁ ନାହିଁ।" ଏହି ଉଦ୍ଦେଶ୍ୟକୁ ନେଇ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନ ବିଶ୍ୱରେ ଶାନ୍ତି ସ୍ଥାପନା କରିବା ପାଇଁ ପ୍ରୟାସ କରିଚାଲିଛି। ଦେଶର ପ୍ରଗତି ପାଇଁ ସେବା କରି ଆସୁଛି। ଆମେ କାମନା କରୁଛୁ, ବିଶ୍ୱର ମୁଖ୍ୟମାନେ ସମୟର ଗଭିରତାକୁ ବୁଝି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବାର ଦାୟିତ୍ୱକୁ ଉତମ ଭାବେ ତୁଲାନ୍ତୁ। ଅଲ୍ଲାଃ ସମସ୍ତ ନିରୀହ ଓ ଅସହାୟ ଲୋକମାନଙ୍କୁ ସୁରକ୍ଷିତ ରଖନ୍ତୁ। ବିଶ୍ୱରେ ପ୍ରକୃତ ଓ ଚିରସ୍ଥାୟୀ ଶାନ୍ତି ପ୍ରତିଷ୍ଠା ହେଉ। ପ୍ରଭୁ କରନ୍ତୁ କି ଆମ ଦେଶ ତଥା ବିଶ୍ୱ ଶାନ୍ତିମୟ ହେଉ। ॥ ଆମିନ୍ ॥

# ଗୁଜରାଟ ମଡେଲ ବନାମ ଦିଲ୍ଲୀ ମଡେଲ

ଜାତୀୟ ରାଜନୀତିରେ ଉତରପ୍ରଦେଶ ସହ ପାଂଚଟି ରାଜ୍ୟରେ ବିଜେପିର ନିର୍ବାଚନ ବିଜୟ ନେଇ ଯେତିକି ହଇଚଇ ସୃଷ୍ଟି ହେବା କଥା, ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଲା, ପଞ୍ଜାବରେ ଆମ ଆଦିମ ପାର୍ଟିର ବିଜୟ ଏବଂ କଂଗ୍ରେସର ସହଜ ପରାଜୟ। ଦିଲ୍ଲୀ ପରେ ପଞ୍ଜାବ। ଆଉ ପଞ୍ଜାବ ବିଜୟ ପରେ ଆପର ଘୋଷଣା, ଏବେ ସେମାନଙ୍କର ପ୍ରଧାନ ଲକ୍ଷ୍ୟ ହେବ ଜାତୀୟ ରାଜନୀତିରେ କଂଗ୍ରେସର ବିକଳ୍ପ ଏବଂ ବିଜେପିର ପ୍ରଧାନ ପ୍ରତିଦ୍ୱନ୍ଦୀ। ଭାରତ ଦଖଲ ପାଇଁ ସମୟ ସହିତ ତାଳ ଦେଇ କେଜ୍ରିୱାଲ ଯେପରି ଭାବେ ନିଜକୁ ବଦଳାଇଛନ୍ତି, ସେଥିରେ କଂଗ୍ରେସକୁ ନେଇ ଜାତୀୟ ସ୍ତରରେ ଏକ ମେଂଟ ଗଠନର ସ୍ୱପ୍ନ କେବଳ ସ୍ୱପ୍ନରେ ହିଁ ରହିଯିବ।

ଗୋଟାଏ କଥା ମନେରଖିବାକୁ ହେବ ଅରବିନ୍ଦ କେଜ୍ରିୱାଲଙ୍କ ଉତ୍ଥାନ ହୋଇଥିଲା, ଉଭୟେ କଂଗ୍ରେସ ଓ ବିଜେପିକୁ ଦୁର୍ନୀତିଗ୍ରସ୍ତ ବୋଲି ଆକ୍ଷେପ କରି। ତାଙ୍କର ସ୍ଲୋଗାନ ଥିଲା, 'କଂଗ୍ରେସ-ବିଜେପି ଧୋକା ହେ, ଦେଶ ବଚାଓ, ମଉକା ହେ'। ଅନ୍ନା ହଜାରେଙ୍କୁ ସାମନାରେ ରଖି ଯେଉଁ ଦୁର୍ନୀତି ବିରୋଧୀ ଆନ୍ଦୋଳନ ଆରମ୍ଭ ହୋଇଥିଲା, ତାହା ମନମୋହନ ସିଂଙ୍କ ନେତୃତ୍ୱରେ ଚାଲୁଥିବା ମେଂଟ ସରକାରର ପତନର କାରଣ ହୋଇଥିଲା।

କିନ୍ତୁ ୨୦୧୪ ସାଧାରଣ ନିର୍ବାଚନରେ, ଏଇ ଆନ୍ଦୋଳନରୁ ଫାଇଦା ନେଇଥିଲା ଭାରତୀୟ ଜନତା ପାର୍ଟି। ତା' ପୂର୍ବରୁ ଅବଶ୍ୟ କେଜ୍ରିୱାଲ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ହୋଇସାରିଥିଲେ। ତାଙ୍କୁ 'ଜନଲୋକପାଳ' ବିଲ ପାସ କରିବାକୁ ଦିଆଯାଉନାହିଁ ବୋଲି ଅଭିଯୋଗ କରି ସେ ଇସ୍ତଫା ଦେଲେ। ଏହାପରେ ୨୦୧୫ ଓ ୨୦୨୦ ନିର୍ବାଚନରେ ବିପୁଳ ବିଜୟ ହାସଲ କଲେ। କିନ୍ତୁ ଦିଲ୍ଲୀରେ ଏଯାବତ ଲୋକପାଳ ପ୍ରତିଷ୍ଠା ହୋଇପାରିନାହିଁ। ଜନସାଧାରଣ ମଧ୍ୟ ଏ ନେଇ ଆଉ ପାଟିତୁଣ୍ଡ କରୁନହାନ୍ତି। କେଜ୍ରିୱାଲ ମଧ୍ୟ ଧାରଣା ଦେଉନାହାନ୍ତି। ଦୁର୍ନୀତି ବିରୋଧୀ ଆନ୍ଦୋଳନ ଅପେକ୍ଷା ସେ ଏବେ ସୁଶାସନକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ବିନା ଦେୟରେ ବିଜୁଳି ଓ ପାଣି ଲୋକଙ୍କୁ ଦିଆଯାଉଛି। ଉନ୍ନତମାନର ସ୍କୁଲ ଓ ପ୍ରାଥମିକ ସ୍ୱାସ୍ଥ୍ୟ ବ୍ୟବସ୍ଥା କେଜ୍ରିୱାଲ ସରକାର ଦିଲ୍ଲୀରେ କରିପାରିଛନ୍ତି। ଖାଲି ସେତିକି ନୁହେଁ, ଗରିବ ଲୋକଙ୍କ ପାଇଁ ବିଭିନ୍ନ ସରକାରୀ ଅର୍ଥ ଦେବାର ବ୍ୟବସ୍ଥା କରିଛନ୍ତି।





ଅରବିନ୍ଦ କେଜ୍ରିୱାଲ ଭଲଭାବେ ଜାଣନ୍ତି, କେବଳ ସୁଶାସନ ନିର୍ବାଚନ ବୈତରଣୀ ପାର କରାଇବାକୁ ସକ୍ଷମ ନୁହେଁ। ଏକଥାର ପ୍ରମାଣ ମିଳିଛି ଲୋକସଭା ନିର୍ବାଚନରେ। ବିଧାନସଭାରେ ଆପକୁ ଅଧିକ ଭୋଟ ମିଳିଥିଲେ ବି ଲୋକସଭା ନିର୍ବାଚନରେ ଦିଲ୍ଲୀରେ ବିଜେପି ଅଧିକ ଭୋଟ ପାଇଥିଲା। ଏଣୁ ସେ ପୂରାପୂରି ମୋଦି ବିରୋଧୀ ହେବାକୁ ଚାହାନ୍ତି ନାହିଁ।

କେଜ୍ରିୱାଲ ଏକ ମଝିଆମଝି ଭୂମିକାରେ ରହିବାକୁ ଚାହାନ୍ତି। ବିଜେପିର ଉଗ୍ର ହିନ୍ଦୁତ୍ୱ ନୁହେଁ କି କଂଗ୍ରେସର ସଂଖ୍ୟାଲଘୁ ତୋଷଣ ନୁହେଁ। ତାଙ୍କର ମୁଖ୍ୟ ଭୂମିକା ହେଲା, ଉନ୍ନୟନବାଦୀ ହିନ୍ଦୁତ୍ୱ ବା ଉଦାରବାଦୀ ହିନ୍ଦୁତ୍ୱ। ପ୍ରକାଶ୍ୟରେ ସେ ମନ୍ଦିର ଯାଇ ଲୋକଙ୍କୁ ବାର୍ତ୍ତା ଦେବାକୁ ଚାହାନ୍ତି, ଧର୍ମନିରପେକ୍ଷତାର ଡିଣ୍ଡିମ ପିଟନ୍ତି। ସାଧାରଣ ଲୋକଙ୍କ ଦୁଇଟି ବଡ ସମସ୍ୟା ହେଲା ଶିକ୍ଷା ଓ ସ୍ୱାସ୍ଥ୍ୟ। ଏ ଦୁଇଟି ପ୍ରତି ସେ ବେଶ୍ ସଚେତନ। ଦିଲ୍ଲୀରେ ସେ ଯେମିତି ଆମ୍ବେଦକରଙ୍କୁ ଗୁରୁତ୍ୱ ଦେଇଛନ୍ତି, ଦିଲ୍ଲୀ ଷ୍ଟାଡିୟମରେ ରାମ ପୂଜାର ଆୟୋଜନ ମଧ୍ୟ କରିଛନ୍ତି।

ପଞ୍ଜାବରେ ଭୋଟ ପ୍ରଚାର ସମୟରେ ସେ ଚାଷୀ ଆନ୍ଦୋଳନକାରୀଙ୍କ ପାଖକୁ ଯାଇଥିଲେ। ସେଠାରେ ଚାଷୀନେତାମାନେ ତାଙ୍କୁ କାଶ୍ମୀରରୁ ୩୭୦ ଧାରାର ଉଚ୍ଛେଦ ସମ୍ପର୍କରେ ପଚାରିଲେ। ତାଙ୍କ ଉତର ଥିଲା, ଏହାସହିତ ଚାଷୀ ଆନ୍ଦୋଳନର କୌଣସି ସମ୍ପର୍କ ନାହିଁ। ଏଥିରୁ ସ୍ପଷ୍ଟ ହୋଇଗଲା ସେ ୩୭୦ ଧାରା ଉଚ୍ଛେଦକୁ ସମର୍ଥନ କରୁଛନ୍ତି।

ପୂର୍ବରୁ ସେ ନିଜକୁ ହିନ୍ଦୁ ଉଦାରମନସ୍କ ଭାବେ ନିଜର ପରିଚୟ ଦେଇଚନ୍ତି। କଂଗ୍ରେସ ଭଳି ଧର୍ମନିରପେକ୍ଷତା ନାମରେ ସଂଖ୍ୟାଲଘୁ ତୋଷଣରେ ମନ ଦେଇନାହାନ୍ତି।

ଦିଲ୍ଲୀ ଭଳି ପଞ୍ଜାବରେ ନିଜକୁ ପ୍ରତିଷ୍ଠିତ କରିବାକୁ ହେଲେ ସୁଶାସନ ଦେବାକୁ ହେବ। ଫରକ ହେଉଛି, ଦିଲ୍ଲୀ ହେଉଛି ସହରକୈନ୍ଦ୍ରିକ ଆଉ ପଞ୍ଜାବ ହେଉଛି ଉଭୟେ ସହର ଓ ଗାଁ କୈନ୍ଦ୍ରିକ। ଉଗ୍ର ହିନ୍ଦୁତ୍ୱବାଦ ଯୋଗୁ ଜନସଂଘ ଅମଳରୁ ପଞ୍ଜାବରେ ବିଜେପି ଗ୍ରହଣୀୟ ହୋଇପାରିନାହିଁ। ତେଣୁ କଂଗ୍ରେସଠାରୁ ମୁହଁ ଫେରେଇନେବା ପରେ ପଞ୍ଜାବବାସୀ କେଜ୍ରିୱାଲଙ୍କ ଉପରେ ଭରସା କରିଛନ୍ତି। କାରଣ ପୂର୍ବରୁ ଅକାଳି ଦଳ ଉପରୁ ସେମାନଙ୍କର ଭରସା ତୁଟିଯାଇଛି।

ପଞ୍ଜାବ ପରେ ଗୁଜରାଟ ହେଉଛି ପରବର୍ତ୍ତୀ ଟାର୍ଗେଟ। ପଞ୍ଜାବରେ ଆପ କଣ କରୁଛି ତାର ପ୍ରଭାବ ଗୁଜରାଟ ଉପରେ ପଡିବ। ସେଇ ଆଶଙ୍କା କରି ଉତରପ୍ରଦେଶରେ ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟରେ ଏକ ବିରାଟ ରୋଡ ସୋର ଆୟୋଜନ କଲେ।

ନରେନ୍ଦ୍ର ମୋଦି ଗୁଜରାଟ ମଡେଲର ସ୍ୱପ୍ନ ଦେଖାଇ ଦିଲ୍ଲୀ ଅଧିକାର କରିଥିଲେ। କେଜ୍ରିୱାଲ ଦିଲ୍ଲୀ ମଡେଲର ସ୍ୱପ୍ନ ଦେଖାଇ ପଞ୍ଜାବ ଦଖଲ କଲେ ଆଉ ଗୁଜରାଟ ଉପରେ ଆଖି ରଖିଛନ୍ତି।

ମୋଦିଙ୍କ ଅସ୍ତ୍ରରେ ମୋଦିଙ୍କୁ ଚାଲେଞ୍ଜ କରିବାର କୌଶଳ ବୋଧହୁଏ ଏଇ ପ୍ରଥମ। ପଞ୍ଜାବରେ ଆପର ବିପୁଳ ବିଜୟ ତୃତୀୟ ମେଂଟର ସ୍ୱପ୍ନ ଦେଖୁଥିବା, କେ. ଚନ୍ଦ୍ରଶେଖର ରାଓ ଓ ମମତାଙ୍କୁ ଅଡୁଆରେ ପକାଇଦେବାକୁ ସକ୍ଷମ ହୋଇଛି ଆପ୍। କାରଣ ଆଉ କଂଗ୍ରେସ ତୃତୀୟ ମେଂଟର ନେତୃତ୍ୱ ନେବା ସ୍ଥିତିରେ ନାହିଁ।

# ଗଳ୍ପ ସଂକଳନ : ଶେଷ ପାସେଞ୍ଜର ଲୋକାର୍ପିତ



ବାଙ୍କୀ (ପିଏନ୍)- ବିଷୁବ ମିଳନ ଅବସରରେ ବାଙ୍କୀର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ମାସିକ ସାହିତ୍ୟ ଆସର'ର ବାର୍ଷିକ ଉତ୍ସବ ବାଙ୍କୀ ପ୍ରେସ୍ କ୍ଲବ୍ ବିଦ୍ୟାରତ୍ନ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଅନୁଷ୍ଠାନର ସଭାପତି ଇଂ ସତ୍ୟବ୍ରତ ରଥଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ଜ୍ଞାନେନ୍ଦ୍ର ମୋହନ ମିଶ୍ର ସଂପାଦକୀୟ ବିବରଣୀ ପାଠ କରିଥିଲେ। ସଭାର ପ୍ରଥମ ଅଧିବେଶନରେ କବିତା ପାଠ କରାଯାଇଥିଲା। ଏଥିରେ ପ୍ରାୟ ୨୪ ଜଣ କବି କବୟିତ୍ରୀ ସେମାନଙ୍କ ସ୍ୱରଚିତ କବିତା ପାଠ ଆବୃତ୍ତି କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ତଥା କବି ଭଗବାନ ସାମଲ ଓ ଡଃ ଚିତ୍ରସେନ ରାଉତ କବିତାପାଠରେ ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠାନର ସଭାପତି ଇଂ ସତ୍ୟବ୍ରତ ସଭାପତିଙ୍କ ପରିଚାଳନାରେ ମୁଖ୍ୟଅତିଥି ଭାବେ ଶ୍ରୀଯୁକ୍ତ ଭରତ ଚନ୍ଦ୍ର ବେହେରା ସ୍ୱତନ୍ତ୍ର ସଚିବ ସମବାୟ ବିଭାଗ ଓଡ଼ିଶା ସରକାର, ମୁଖ୍ୟବକ୍ତା ପଣ୍ଡିତ ଶ୍ରୀଯୁକ୍ତ ହରେକୃଷ୍ଣ ଦାଶ ବରିଷ୍ଠ ଆଇନଜିବୀ, ସମ୍ମାନୀତ ଅତିଥି ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ମିଶ୍ର ଅତିରିକ୍ତ ଜିଲ୍ଲାପାଳ କଟକ ଓ ଅନ୍ୟତମ ଅତିଥି ଶ୍ରୀଯୁକ୍ତ ସତ୍ୟନାରାୟଣ ପଣ୍ଡା, ତହସିଲଦାର ବାଙ୍କୀ ଯୋଗଦାନ କରିଥିଲେ। ସଭାର ପ୍ରାରମ୍ଭରେ ବାଙ୍କୀ ଅଧିଷ୍ଠାତ୍ରୀ ମା'ଚର୍ଚ୍ଚିକାଙ୍କ ଫଟୋରେ ଅତିଥିମାନେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱୋଳନ କରିଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ପ୍ରହରାଜଙ୍କୁ ତାଙ୍କ ସାହିତ୍ୟ କୃତି ଲାଗି ମୁଖ୍ୟ ଅତିଥି ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗାଳ୍ପିକ ଶ୍ରୀ ଭଗବାନ ସାମଲଙ୍କ ଗଳ୍ପ ସଂକଳନ 'ଶେଷ ପାସେଞ୍ଜର୍' ମୁଖ୍ୟଅତିଥିଙ୍କ ଦ୍ୱାରା ଲୋକାର୍ପିତ କରାଯାଇଥିଲା। ସମ୍ମାନୀତ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମିଶ୍ର ବାଙ୍କୀର କଳା, ସଂସ୍କୃତି ଓ ଐତିହ୍ୟ ଉପରେ ବିଶେଷ ଭାବେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ପଣ୍ଡିତ ଶ୍ରୀ ଦାଶ ବିଷୁବ ଦିବସର ତାତ୍ପର୍ଯ୍ୟ ଉପରେ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଙ୍କୀର ଉପନଗରପାଳ ଶ୍ରୀଯୁକ୍ତ ସନ୍ତୋଷ କୁମାର ରଣା, ସମାଜସେବୀ ତଥା କାଉନସିଲର ଶ୍ରୀଯୁକ୍ତ ସନାତନ ବେହେରା, ବରିଷ୍ଠ କବି ଶ୍ରୀଯୁକ୍ତ କୌଶିକ ନାୟକ ଆଲୋଚନାରେ ଅଂଶଗ୍ରହଣ କରି ଗଳ୍ପ ସଂକଳନର ଗଳ୍ପଗୁଡ଼ିକ ଉପରେ ନିଜସ୍ୱ ମତ ପ୍ରଦାନ କରିଥିଲେ। ଏମାନଙ୍କ ସହ ଶିକ୍ଷାବିତ୍ ଶ୍ରୀବତ୍ସ ନାୟକ, ଉମେଶ ପଟ୍ଟନାୟକ, କଲ୍ୟାଣୀ ପଟ୍ଟନାୟକ, ବିଦ୍ୟୁତ୍‌ଲତା ଭୂୟାଁ, ସରୋଜିନୀ ସାହୁ, ଚନ୍ଦ୍ରକାନ୍ତି ସିଂହ, କମଳାକାନ୍ତ ମିଶ୍ର, ରବିନାରାୟଣ ମଙ୍ଗରାଜ ପ୍ରଭୃତି ବିଷୁବ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପରିଶେଷରେ ଅନୁଷ୍ଠାନର ସଭ୍ୟ ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଲ ଇଣ୍ଡିଆ ଅନେମ୍ପ୍ଲୋଇଡ ଯୁଥ୍ ଷ୍ଟ୍ରଗଲ କମିଟିର ଆନ୍ଦୋଳନ

ବାଲେଶ୍ୱର (ପିଏନ୍)- ବିଦ୍ୟାଳୟମାନଙ୍କରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ଗୁଡ଼ିକରେ ନିଯୁକ୍ତି ସମେତ ୪ ଦଫା ଦାବି କରି ଅଲ ଇଣ୍ଡିଆ ଅନେମ୍ପ୍ଲୋଇଡ ଯୁଥ୍ ଷ୍ଟ୍ରଗଲ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କମିଟିର ୪ ଦଫା ଅନୁସାରେ ବିଦ୍ୟାଳୟମାନଙ୍କରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀଗୁଡ଼ିକରେ ଡି.ଇଆଇ.ଇଡି (ସି.ଟି) ଓ ବି.ଇଡି ତାଲିମପ୍ରାପ୍ତ ଯୁବକ-ଯୁବତୀଙ୍କୁ ସ୍ଥାୟୀ ଭିତ୍ତିରେ ନିଯୁକ୍ତି ପ୍ରଦାନ କରିବା, ଛାତ୍ର ସଂଖ୍ୟା କମ ଦର୍ଶାଇ ବିଦ୍ୟାଳୟକୁ ବନ୍ଦ କରିବା ନିଷ୍ପତ୍ତିକୁ ବାତିଲ କରିବା, ସମସ୍ତ ଡି.ଇଆଇ.ଇଡି (ସି.ଟି) ଓ ବି.ଇଡି କଲେଜରେ ନାମଲେଖା ପ୍ରକ୍ରିୟା ତୁରନ୍ତ ଆରମ୍ଭ କରିବା ଏବଂ ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ ଓ ସାମ୍ପ୍ରଦାୟିକରଣ ବନ୍ଦ କରାଯାଉ ବୋଲି ଦାବି କରିଥିଲେ। କମିଟିର ସୁଶାନ୍ତ ଜେନା, ସସ୍ମିତା ମହାନ୍ତି, ତାପସ ବାରିକ, ସୁଦର୍ଶନ ଦାସ, ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତଙ୍କ ବାଲେଶ୍ୱର ଗସ୍ତ

ବାଲେଶ୍ୱର (ପିଏନ୍)-କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳାଇ ଗତ ୧୯ ତାରିଖରେ ବାଲେଶ୍ୱର ଗସ୍ତରେ ଆସି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସ୍ଥାନୀୟ ସଦଭାବନା ସଭାଗୃହରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ସରକାରୀ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଛନ୍ତି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଉପସ୍ଥିତିରେ କରାଯାଇଥିବା ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭବେଶ କୁମାର ନାୟକ, ଶ୍ରୀ ନୀଲୁ ମହାପାତ୍ର, ପିଡି-ଡିଆରଡିଏ ଶ୍ରୀ ରବୀନ୍ଦ୍ର କୁମାର ସାହୁ, ଉପଜିଲ୍ଲାପାଳ ତଥା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଆଶିଷ ଈଶ୍ୱର ପାଟିଲ, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ କୁନାଲ ଚୌହାନ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀ ଦୀପ୍ତିରଞ୍ଜନ ସେଠୀ, ଅତିରିକ୍ତ ଏସ.ପି. ଶ୍ରୀ ଅମରେଶ କୁମାର ପାଣିଗ୍ରାହୀ, ଡି.ଏଫ.ଓ. ଶ୍ରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ବିଭିନ୍ନ ବିଭାଗର ଉନ୍ନୟନମୂଳକ କାର୍ଯ୍ୟ ଓ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଜିଲ୍ଲାର ବିଭିନ୍ନ ଥାନାରେ ପଞ୍ଜୀକରଣ ହୋଇଥିବା ଆପରାଧିକ ମାମଲା, ତାହାର ତଦନ୍ତ, ଫଇସଲା ଏବଂ ପୋଲିସ ବିଭାଗ ପକ୍ଷରୁ ଜାରି ରହିଥିବା ନିର୍ମାଣ କାର୍ଯ୍ୟର ଅଗ୍ରଗତି ଇତ୍ୟାଦି ସମ୍ପର୍କରେ ବିଭାଗୀୟ ଅଧିକାରୀ ତଥ୍ୟ ରଖିଥିବା ବେଳେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କା ଘର ଯୋଜନା, ଶୌଚାଳୟ ନିର୍ମାଣ, ବାହ୍ୟ ମଳମୁକ୍ତ ଗ୍ରାମ ଇତ୍ୟାଦି ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଥିଲା । ବାଲେଶ୍ୱର ଜିଲ୍ଲା ଏକ ବାତ୍ୟାପ୍ରବଣ ଜିଲ୍ଲା ହୋଇଥିବାରୁ ଆବାସ ଯୋଜନାରେ ସମ୍ପ୍ରତି ଚାଲିଥିବା ଗୃହନିର୍ମାଣ କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ରାଜସ୍ୱ ଆୟୁକ୍ତ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଜିଓ ଟ୍ୟାଗିଂ ମାଧ୍ୟମରେ ନିର୍ମାଣ କାର୍ଯ୍ୟର ତଦାରଖ କରିବାକୁ ସେ କହିଥିଲେ । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ବ୍ୟାଙ୍କ ମଧ୍ୟରେ ସଂଯୋଗୀକରଣ(ଲିଙ୍କେଜ୍) ଉପରେ ସେ ଗୁରୁତ୍ୱାରୋପ କରିବା ସହିତ ଗ୍ରାମୀଣ କୌଶଳ ଯୋଜନାରେ ଯୁବକ-ଯୁବତୀଙ୍କ ଦକ୍ଷତା ବୃଦ୍ଧି, ମିଶନ ଶକ୍ତି ଗୃହ ନିର୍ମାଣ ଶେଷ, ଆମ ଗାଁ-ଆମ ବିକାଶ ଯୋଜନାର କାର୍ଯ୍ୟାନ୍ୱୟନ ଉପରେ ସେ ଜୋର୍ ଦେଇଥିଲେ । ଜିଲ୍ଲାରେ ଶିକ୍ଷା ଓ ସ୍ୱାସ୍ଥ୍ୟର ଭିତିଭୂମି ଓ ଏହି ଦୁଇ ବିଭାଗର ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ସେ ଜିଲ୍ଲା ଶିକ୍ଷାଧିକାରୀ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପଚାରି ବୁଝିଥିଲେ । ଜଙ୍ଗଲ ଅଧିକାର ଅଧିନିୟମର କାର୍ଯ୍ୟକାରିତା ପ୍ରସଙ୍ଗରେ ବନଖଣ୍ଡ ଅଧିକାରୀଙ୍କ ପାଖରୁ ବିଭିନ୍ନ ତଥ୍ୟ ସଂଗ୍ରହ କରିବା ସହିତ ବନୀକରଣକୁ ତ୍ୱରାନ୍ୱିତ କରିବାକୁ ସେ ପରାମର୍ଶ ଦେଇଥିଲେ । ଅନୁରୂପ ଭାବେ ଜିଲ୍ଲାରେ ଧାନସଂଗ୍ରହ ସ୍ଥିତି, ଜମି ଅଧିଗ୍ରହଣ ସମେତ କୃଷି , ଉଦ୍ୟାନକୃଷି, ପୂର୍ତ୍ତ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ଜଳସେଚନ, କ୍ଷୁଦ୍ର ଜଳସେଚନ, ଡ୍ରେନେଜ୍ ଇତ୍ୟାଦି ବିଭାଗର ବିଭିନ୍ନ ପ୍ରକଳ୍ପ ଓ ସେ ସମ୍ପର୍କିତ ସମସ୍ୟା ସମ୍ପର୍କରେ ବିଭାଗର ବରିଷ୍ଠ ଅଧିକାରୀମାନେ ଗୃହରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ବିଭିନ୍ନ କ୍ଷେତ୍ରରେ ଜମିଜମା ମାମଲା ପାଇଁ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁ ନ ଥିବାରୁ ଏଥିପାଇଁ ବରିଷ୍ଠ ଇଞ୍ଜିନିୟର, ତହସିଲଦାର ଓ ରାଜସ୍ୱ ବିଭାଗ ଅଧିକାରୀମାନେ ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷା କରି ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ଚାଲୁ କରିବାକୁ ସେ ତାଗିଦ୍ କରିଥିଲେ । ଜିଲ୍ଲାର ସହରାଂଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଜାଗା ମିଶନ୍ ସମ୍ପର୍କରେ ସେ ସମୀକ୍ଷା କରିବା ସହ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଗ୍ରୀଷ୍ମ ପ୍ରବାହରେ ଯେପରି ଶ୍ରମିକମାନେ ଦିନ ୧୧ଟାରୁ ସାଢେ ୩ଘଟିକା ପର୍ଯ୍ୟନ୍ତ କାମ ନ କରନ୍ତି ତାହା ସୁନିଶ୍ଚିତ କରିବାକୁ ଶ୍ରମ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ବିଭାଗ ସମ୍ପର୍କରେ ମଧ୍ୟ ସଂକ୍ଷେପରେ ଆଲୋଚନା କରିଥିଲେ । ଶେଷରେ ଜିଲ୍ଲାରେ ଚାଲିଥିବା ସରକାରୀ ଯୋଜନା ଓ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ସେ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

# ଝୋଟି ଓ ମୁରୁଜରେ ରଙ୍ଗେଇଲେ ଓଡ଼ିଆଣୀମାନେ

ଭୁବନେଶ୍ୱର (ପିଏନ୍)-ଆମର ପ୍ରଖ୍ୟାତ ପ୍ରଥା ଓ ପାଶୋରି ହେଉନଥିବା ପରମ୍ପରା ଓ ଚଳଣୀକୁ ନେଇ ଏକ ଅଭିନବ ମହୋତ୍ସବର ପରିକଳ୍ପନା ଓଡ଼ିଆ ମହୋତ୍ସବ। ଅନ୍ୟତ୍ର ନୃତ୍ୟ,ଗୀତର ପ୍ରାଧାନ୍ୟକୁ ନେଇ ଅନେକ ଉତ୍ସବ ଓ ମହୋତ୍ସବ ଆୟୋଜିତ ହେଉଥିବା ବେଳେ ପ୍ରଥା,ପରମ୍ପରା ଓ ଚଳଣୀକୁ ଏକତ୍ର କରି ରୂପ ନେଇଛି ଏହି ଅଭିଯାନ। ଆମେ ଭୁଲି ଯାଉଥିବା ଭାଷା ଓ ସଂସ୍କୃତି ଭରି ରହିଛି ଏହି ପ୍ରଥା ଓ ପରମ୍ପରା ମଧ୍ୟରେ। ଏହାର ସୁରକ୍ଷା ତଥା ସଂପ୍ରସାରଣ ପାଇଁ ସାଂସ୍କୃତିକ ଆନ୍ଦୋଳନ ଭାବେ ଓଡ଼ିଆ ମହୋତ୍ସବର ପ୍ରମୁଖ କାର୍ଯ୍ୟକ୍ରମ ରୂପେ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଧାରାବାହିକ ଭାବେ ଚାଲି ସତର ବର୍ଷରେ ପହଞ୍ଚିଛି। ଓଡ଼ିଆଣୀମାନଙ୍କ ଦ୍ୱାରା ଅଙ୍କିତ ସୁଦୃଶ୍ୟ ଝୋଟି ଓ ମୁରୁଜରେ ଝଲସୁଥିଲା ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାର ଦ୍ୱିତୀୟ ଓ ତୃତୀୟ ସଂଧ୍ୟା। ଏହା ସହ ଓଡିଆଣୀମାନେ ଓଡିଆ ଭାଷାଜ୍ଞାନ ଓ ଢଗଢମାଳି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଓଡିଆ ଭାଷା ଓ ପରମ୍ପରା ଉପରେ ନିଜ ନିଜ ଜ୍ଞାନର ପରୀକ୍ଷା ଦେଉଥିଲେ। ଏହି ଦୁଇଦିନର ଉତ୍ସବସ୍ଥଳ ଥିଲା ୟୁନିଟ୍-୨ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣ। ଉତ୍ସବ ସ୍ଥଳରେ ଅଙ୍କାଯାଇଥିବା ସୁଦୃଶ୍ୟ ଝୋଟି ମାଣବସା ଗୁରୁବାରର ଭ୍ରମ ସୃଷ୍ଟି କରିବା ବେଳେ ମୁରୁଜ କାର୍ତ୍ତିକ ମାସ, ପଞ୍ଚୁକର ଧାରଣା ସୃଷ୍ଟି କରୁଥିଲା। ବିଚାରକ ଭାବେ ଉପସ୍ଥିତ ଥିଲେ ଚିତ୍ରଶିଳ୍ପୀ ଗଜେନ୍ଦ୍ର ପାଢ଼ୀ, ସୁବ୍ରତ ମଲ୍ଲିକ, ବିଦ୍ୟୁତଲତା ପାଟସାଣୀ, ରମାକାନ୍ତ ସାମନ୍ତରାୟ ଓ ସୁମିତ୍ରା ପାଢ଼ୀ। ସେହିଭଳି ଶିଶୁ କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତା କ୍ରମରେ ଶ୍ରୁତଲିଖନ, ବକ୍ତୃତା,ଆବୃତ୍ତି ଓ କୌତୁକ ପୋଷାକ ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହାର ବିଚାରକ ଥିଲେ ଭାଷା ବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର, ଲେଖିକା ଛନ୍ଦା ମିଶ୍ର। ସଂଭାବନାର ସଂପାଦକ ଦେବପ୍ରସାଦ ପରିଜାଙ୍କ ଉପସ୍ଥିତି ସହ ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସଂଭାବନାର ସଦସ୍ୟା ରାଜଶ୍ରୀ ଶତପଥି, ପ୍ରଫୁଲ୍ଲ ଦେ ପ୍ରମୁଖ ପରିଚାଳନା କରିଥିଲେ।

# ଅଗମ୍ୟ ଆଦିବାସୀପଲ୍ଲୀରୁ ଶୁଭାରମ୍ଭ ପଂଚମ ଆନ୍ତର୍ଜାତୀୟ ଶିଶୁ ଚିତ୍ରକଳା ପ୍ରତିଯୋଗିତା



ଭୁବନେଶ୍ୱର (ପିଏନ): ଅଗମ୍ୟ ଆଦିବାସୀପଲ୍ଲୀରୁ ଶୁଭାରମ୍ଭ ହୋଇଯାଇଛି ୫ମ ଆନ୍ତର୍ଜାତୀୟ ଶିଶୁ ଚିତ୍ରକଳା ପ୍ରତିଯୋଗିତା। ଭୁବନେଶ୍ୱରସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏହି ଶିଶୁ ଚିତ୍ରକଳା ପ୍ରତିଯୋଗିତା ସ୍ମାର୍ଟନଗରୀ ଭୁବନେଶ୍ୱର ଉପକଣ୍ଠ ନିକଟରେ ଥିବା ଅଗମ୍ୟ ଆଦିବାସୀପଲ୍ଲୀ କନ୍ଦଲେଇଠାରେ ଏହାର ଶୁଭ ଉଦ୍‌ଘାଟନ ହୋଇଯାଇଛି। ପ୍ରତିଯୋଗିତାରେ ମୋଟ ୩୫ଜଣ ବିଦ୍ୟାର୍ଥୀ ସାମିଲ୍ ହୋଇ ନିଜର ଅନ୍ତର୍ନିହିତ କଳାକୁ ରଙ୍ଗ ତୁଳୀରେ ପରିପ୍ରକାଶ କରିଥିଲେ। ଆଦିବାସୀ ଶିଶୁମାନଙ୍କ ମଧ୍ୟରେ ରହିଥିବା ସୃଜନଶୀଳ କଳାର ବିକାଶ ଓ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବାର ପ୍ରୟାସ ଏବଂ ବଣମଲ୍ଲୀ ବଣରେ ଫୁଟି ଯେପରି ବଣ ମଧ୍ୟରେ ଝଡ଼ିନପଡୁ ତାହା ଆମର ପ୍ରାଥମିକ ଲକ୍ଷ୍ୟ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦନ କୁମାର ସାମଲ କହିଛନ୍ତି। ଗାଁର ବିକାଶ ନେଇ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିଯୋଗିତାରେ ଚିତ୍ରଶିଳ୍ପୀ ସୁସ୍ମିତାରାଣୀ ରାଉତ, ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା ଏବଂ ପ୍ରଦୀପ୍ତ ରଞ୍ଜନ ରାଉତ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, କୃତୀ ପ୍ରତିଯୋଗୀଙ୍କ ଚିତ୍ରକଳା ପଂଚମ ଆନ୍ତର୍ଜାତୀୟ ଧଉଳି ଚାରୁକଳା ମହୋତ୍ସବରେ ସ୍ଥାନିତ ହେବା ସହ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯିବ। ଆଗ୍ରହୀ ପ୍ରତିଯୋଗୀମାନେ ନିଜର କଳାକୃତିକୁ ଏପ୍ରିଲ୍ ୨୦ ତାରିଖ ସୁଦ୍ଧା ଧଉଳି ମହାବିଦ୍ୟାଳୟ ନିକଟରେ ଦାଖଲ କରିଥିଲେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ବୋଲି ଶ୍ରୀ ସାମଲ ସୂଚନା ଦେଇଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ମାର୍ଚ୍ଚ ୨୨

# ପ୍ରଭୁଙ୍କ ସହ ଏକ ଅନ୍ତରଙ୍ଗ ମୁହୂର୍ତ୍ତ



ଅନୀତା ପଟ୍ଟନାୟକ

ଜଗନ୍ନାଥଙ୍କ ଦର୍ଶନ ସମୟରେ ତାଙ୍କ ସହିତ କଥୋପକଥନ ହେବାର ସୁଯୋଗ ସେ ହିଁ ସୃଷ୍ଟି କରିଥାନ୍ତି। ଅନେକ ଥର ଆଖି ବନ୍ଦ କରି ହାତଯୋଡ଼ି ଥିବା ଅବସ୍ଥାରେ ଭିତରେ ଧକ୍କା ଖାଇ ବାହାରକୁ ଚାଲି ଆସିଛି। ଆଜି ସ୍ଥିର କଲି ଗରୁଡ ସ୍ତମ୍ଭର ବାମ ପାଖ କୋଣରେ ବସି ପଡ଼ି ପଚାରିବି ଭକ୍ତମାନେ ଏଠାରେ ଏତେ ଭିଡ଼ କାହିଁକି କରୁଛନ୍ତି ? ଓ ମୁଁ ତୁମ ସହିତ କଥାବାର୍ତ୍ତା କାହିଁକି ପରିପାରୁ ନାହିଁ ? ମୁଁ ସେପରି ହିଁ କଲି। ଏହାରର ଉତ୍ତର ରଖି ଜଗନ୍ନାଥ କହିଲେ 'ସହରର ବିରାଟ ବିରାଟ ମେଳାରୁ ବିଭିନ୍ନ ପ୍ରକାରର ଆକର୍ଷଣକୁ ଛାଡ଼ି ଆହାର ଆହ୍ୱାନରେ ମୋର ଏ କ୍ରୀଡ଼ାଙ୍ଗନକୁ ଭକ୍ତମାନେ ଆସିଛନ୍ତି। ମୁଁ ସେମାନଙ୍କର ବତୀଘର। ଆତ୍ମାର ଆଲୋକ ବଳରେ ସଂସାରରେ ଅନ୍ଧାର ଓ ଜଞ୍ଜାଳ ସହ ସଂଗ୍ରାମ କରୁଥିବା ମନୁଷ୍ୟମାନେ ବତୀଘରକୁ ଆଶ୍ରୟ କରି ଏଠାରେ ପହଞ୍ଚି ପାରିଛନ୍ତି।' ମୁଁ ପଚାରିଲି ଏ ପୃଥିବୀରେ ଅନେକ ଲୋକ ଏ ପର୍ଯ୍ୟନ୍ତ ତୁମର ଦର୍ଶନ ପାଇଁ ଆସି ପାରି ନଥିବେ ଏହାର କାରଣ କ'ଣ ? ପ୍ରଭୁ ଉତ୍ତର ଦେଇ କହିଲେ – 'ଅନ୍ଧାର ସବୁବେଳେ ଦ୍ୱନ୍ଦ ସୃଷ୍ଟି କରେ। ଭୁଲ ବଶତଃ କଥାକୁ ଅନ୍ୟ ପ୍ରକାର ରୂପ ଦିଏ। ଅନ୍ଧକାରରେ ଗରୁଡ଼ ସ୍ତମ୍ଭ ତୁମର ଟଙ୍କା ମୁଣି ଛଡ଼ାଇ ନେବାକୁ ଅପେକ୍ଷା କରିଥିବା ଚୋର ଭଳି ଜଣାପଡ଼େ।' ମୁଁ ପଚାରିଲି ତେବେ ଅନ୍ଧକାର ଦୂର ହେବ କିପରି ? ଉତ୍ତର ରଖି ମୋର ପ୍ରଭୁ କହିଲେ 'ଆତ୍ମଜ୍ଞାନ ହିଁ ଆଲୋକ। ଯେଉଁଥିରେ ଅନ୍ଧକାର ଓ ଅନ୍ଧକାର ସୃଷ୍ଟି କରୁଥିବା ସନ୍ଦେହ, ବିଭ୍ରାନ୍ତି ଦୂରହୁଏ। ମୁଁ ପଚାରିଲି ଏ ଆତ୍ମଜ୍ଞାନ ନଥାଇ ଅନେକ ଲୋକ ପୃଥିବୀରେ ଅଛନ୍ତି। ଉତ୍ତର ଆସିଲା ଜ୍ଞାନ ବିନା ମନୁଷ୍ୟ ଘନ ଅରଣ୍ୟରେ ହଜିଯାଏ। ବ୍ୟର୍ଥ, ନୈରାଶ୍ୟକର୍ମରେ ନିଜକୁ ଅବଶ କରିପକାଏ। ଜ୍ଞାନଲୋକ ବ୍ୟତିରେକ ଆଧ୍ୟାତ୍ମିକ ଜ୍ଞାନ ଓ ଶାନ୍ତି ଅନ୍ୱେଷଣ ବୃଥା। ମୁଁ କହିଲି ହଁ ପ୍ରଭୁ ଚିନି, ଚାଉଳ, ଡାଲି, ପରିବାପତ୍ର, ଆମ୍ବୁଲ କାଠ ସବୁଥାଇ ମଧ ସେ ସବୁକୁ ରାନ୍ଧିବା ପାଇଁ ନିଆଁ ନଥିଲେ ଯେପରି ତାହା ବ୍ୟର୍ଥ, ସେପରି ଜ୍ଞାନର ଆଲୋକ ନଥାଇ ଜପ, ଧ୍ୟାନ, ପୂଜା, ତୀର୍ଥ ରୀତିନୀତି ସବୁକିଛି ନିଷ୍ଫଳ। ଜଗନ୍ନାଥ କହିଲେ, ମୋ ଭକ୍ତମାନେ ଏ ସଂସାରକୁ ସବୁବେଳେ ଆସନ୍ତି। ଆଉ ଏଠାକୁ ଆସିବାର ଉପାୟ ନଖୋଜି ଆମେ କେତେ ଖାଦ୍ୟ ଖାଇଲୁ, କେତେ ଘଣ୍ଟା ଶୋଇଲୁ, କେତେ ରୋଜଗାର କଲୁ ? ବିଭିନ୍ନ ମେଳାରେ କେତେ ଭୋଗରେ ମାତିଲୁ ସେଥିରେ ସେ ବୃଥା ସମୟ ବିନିଯୋଗ କରି ଜୀବନର ମୁଖ୍ୟ ଉଦ୍ଦେଶ୍ୟକୁ ଅବହେଳିତ କରେ।' ମୁଁ ପଚାରିଲି ତେବେ ଶାନ୍ତି ଓ ଆନନ୍ଦ କେବେ ମିଳିବ ? ଜଗନ୍ନାଥ କହିଲେ, 'ଜୀବନଟା ଶତ୍ରୁଙ୍କ ବିରୋଦ୍ଧରେ ଏକ ଯୁଦ୍ଧଯାତ୍ରା। ବାଧା ବିଘ୍ନ ପ୍ରଲୋଭନ, ଦୁର୍ଦ୍ଦିନ ଓ ପଶ୍ଚାତଗତି ସହିତ ଏକ ସଂଗ୍ରାମ କାମ ଓ ଗର୍ବର ଭୂତାଣୁ ତାକୁ ସର୍ବନାଶ କରେ। ସେମାନେ ଭୂତାଣୁ କାମ କରିବା ଆରମ୍ଭ କରିଦେଲେ ମୁହୂର୍ତ୍ତକ ପାଇଁ ଶାନ୍ତି ଆନନ୍ଦ ରହିପାରେ ନାହିଁ। ତେଣୁ ସଦଗୁଣ ହିଁ ତୋର ବଳ ଓ ଦୁର୍ଗୁଣ ତୋର ଦୁର୍ବଳତା। ପ୍ରତ୍ୟେକ ବ୍ୟକ୍ତି ତାର ସାଧନା ଅନୁସାରେ ଫଳପ୍ରାପ୍ତି ହୁଏ। ତୋର ଜୀବନ ଯନ୍ତ୍ରାନୁଚାଳିତ ଏକ ଗାଣିତିକ ସୂତ୍ର ନୁହେଁ। ପ୍ରତ୍ୟେକ ବ୍ୟକ୍ତି ତାର ହାତରେ ଧରିଥିବା ଦୀପ ଅନୁସାରେ ଗତି କରିଥାଏ। ଆତ୍ମଗର୍ବ, ବାହୁବଳ, ଧନ ବଳ ଉପରେ ଆସ୍ଥା ନରଖି ଆତ୍ମତତ୍ତ୍ୱ ଉପରେ ଆସ୍ଥା ରଖ। ସେ ଆତ୍ମତତ୍ତ୍ୱ ବଳରେ ମୋ ନିକଟକୁ ଟାଣି ହୋଇ ଆସିଲେ ତୁମ ଭିତରର ଭୂତାଣୁ ଗୁଡ଼ିକ ଯଥା କାମ, କ୍ରୋଧ ଗୁଡ଼ିକ ନଷ୍ଟ ହୋଇଯିବ।

ମୁଁ କହିଲି, ହଁ ପ୍ରଭୁ 'ଭୋଗ ବିଳାସ, ଉତ୍ତେଜନା ଓ ପାଗଳାମୀ ଆଡ଼କୁ ମନୁଷ୍ୟକୁ ଘୋଷାରି ନେଉଛି। ମନୁଷ୍ୟକୁ ଇନ୍ଦ୍ରିୟ ଜ୍ୱର ହେଉଛି। ସେ ଅବସର ବିନୋଦ, ଆମୋଦ ପ୍ରମୋଦ, ବନ୍ଧୁ ମିଳନ, ବଣଭୋଜି, ନାଚଗୀତ ଓ ଭୁରିଭୋଜନ ଭଳି ଛୋଟ ମୋଟ ଔଷଧ ଖାଇ ଜ୍ୱରକୁ ଭଲ କରିବାକୁ ଚେଷ୍ଟଶ କରୁଛି। ପ୍ରଭୁ କହିଲେ ଠିକ କହିଛ। ମୋର ଜ୍ଞାନର କିରଣ ପଡ଼ିଲେ ହିଁ ଜ୍ୱର ଭଲ ହେବ ଓ ଭୂତାଣୁ ମରିଯିବେ। ଜଣେ ମହିଳା ସୁରକ୍ଷାକର୍ମୀ ମତେ ହଲାଇ ପକାଇଲେ ମୃତ ପ୍ରାୟ ବସିଛ କ'ଣ ? ଭିଡ଼ ହେଲାଣି ଶୀଘ୍ର ଉଠି ଏଠୁ ଯାଅ। ମୁଁ ହାତଯୋଡ଼ି ପ୍ରଣାମ କରି ଧୀରେ ଉଠି ଆସିଲି

ଅବସରପ୍ରାପ୍ତ ପ୍ରଧାପିକା,
ସିଡିଏକ, କଟକ,
ଦୂରଭାଷ : ୯୬୯୨୯୮୦୦୨୬

# ଡାଉନ ସିଣ୍ଡ୍ରୋମ ଓ ଦିବ୍ୟାଙ୍ଗତା



ନାରାୟଣ ଚନ୍ଦ୍ର ବିଶ୍ୱାଳ

ଆପଣଙ୍କ ଶିଶୁଟିର ଶାରୀରିକ ଅବସ୍ଥାରେ ଅସ୍ୱାଭାବିକତା ରହି କିଛି ସ୍ୱତନ୍ତ୍ର ଲକ୍ଷଣ ଭାବେ ତାର ମୁହଁ ଆଉ ନାକ ଚେପଟା କି ? ପିଲାଟିର ଛୋଟ କାନ ଆଉ ବେକ ରହିବା ସହ ତାର ଚକ୍ଷୁ ଓ ଭ୍ରୁଲତା ତୀର୍ଯ୍ୟକ ରହିଛି କି ? ଜିଭଟି ଟିକେ ଲମ୍ବା ଆଉ ଏହା ଟିକେ ବାହାରକୁ ବାହାରି ଆସିଛି କି? ଏବଂ ପିଲାଟିର ମୁଖ ଗହ୍ୱର ଉଚ୍ଚ ରହିଛି କି? ବାସ୍ତବ କଥା ହେଉଛି ଏହା ଏକ ଜନ୍ମଗତ ଗୁଣସୂତ୍ର ଜନିତ ସମସ୍ୟାରୁ ସୃଷ୍ଟି ହୋଇଥିବାରୁ ଏହାର କାରଣ ଜାଣି ସଚେତନ ହେବା ଅତ୍ୟନ୍ତ ଜରୁରୀ। ଆମ ଶରୀର ୨୩ଯୋଡ଼ା ଗୁଣସୂତ୍ର ବା କ୍ରୋମୋଜମ ସମ୍ମିଶ୍ରଣରେ ଗଠନ ହୋଇଛି। ପିଲାଟି ଭ୍ରୁଣ ଅବସ୍ଥାରେ ଥିବା ସମୟରେ ଏହାର ତିଆରି ବେଳେ ଟ୍ରିଜୋମି-୨୧ ନାମକ ଏକ ୨୧ ନମ୍ବର ଗୁଣସୂତ୍ରର ଅସଜଡ଼ା ତଥା ଏକାଧିକ ସଂଯୋଜନା ଯୋଗୁଁ ଏହି ସମସ୍ୟା ଦେଖାଦେଇଥାଏ ଅର୍ଥାତ ଜଣଙ୍କ ଶରୀରରେ ୪୬ଟି ଗୁଣସୂତ୍ର ଥିବାବେଳେ ଡାଉନ ସିଣ୍ଡ୍ରୋମ ସମସ୍ୟାର ଶିକାର ହୋଇଥିବା ପିଲାଟି ପାଖରେ ୪୭ଟି ଗୁଣସୂତ୍ର ଥାଏ। ଏହାର କାରଣ ସମ୍ପର୍କରେ ଦିନକୁ ଦିନ ଅଧିକରୁ ଅଧିକ ଗବେଷଣା ଜାରି ରହିଛି। ତେବେ ଏହାର ପ୍ରମୁଖ କାରଣ ଗୁଡ଼ିକ ହେଉଛି ଅଧିକ ବୟସରେ ବା ବିଳମ୍ବିତ ସମୟରେ ମହିଳା ମାନଙ୍କର ଗର୍ଭଧାରଣ, ଗର୍ଭାଶୟରେ ସଂକ୍ରମଣ ସେହିପରି ଗର୍ଭାନଳୀ ଆକୃତିରେ ସମସ୍ୟା ଏହାର ପ୍ରମୁଖ କାରଣ। ୨୫ବର୍ଷ ବୟସରେ ଜଣେ ଗର୍ଭଧାରଣ କଲେ ଡାଉନ ସିଣ୍ଡ୍ରୋମ ସମସ୍ୟାକୁ ସାମ୍ନା କରିବାର ଯେତିକି ଭୟ ରହିଥାଏ ବୟସ ବଢ଼ିବା ସହ ଏହି ସମସ୍ୟାର ଜଟିଳତା ମଧ ବଢ଼ିଥାଏ।

ପିଲାଟିର ଡାଉନ ସିଣ୍ଡ୍ରୋମ ସମସ୍ୟା ଜାଣିବା ପାଇଁ ଅନେକ କାରଣ ଗୁଡ଼ିକ ମଧ ରହିଛି। ପିଲାଟି ପାଖରେ ଯଦି ଆପଣ ଅଳସୁଆମି ଦେଖନ୍ତି, ତାର ଏକାଗ୍ରତାରେ ଅଭାବ ରହିଥାଏ, ଭାଷା ଶିକ୍ଷାରେ ବିଶେଷକରି ଭାଷା ବିକାଶରେ ଅପାରଗତା ବା ଶିଥିଳତା, ଉଚ୍ଚାରଣରେ ତ୍ରୁଟି, ସାମାନ୍ୟରୁ ମଧ୍ୟମ ଭାବେ ମାନସିକ ଅନଗ୍ରସରତା ଏବଂ କେତେବେଳେ ପାଟି ଶୁଖିଲା ରହେତ ଆଉ କେତେବେଳେ ଅତ୍ୟଧିକ ଲାଳ ବୋହିଥାଏ ଏବଂ ସର୍ବୋପରି ପିଲାଟି ଚଲାବୁଲା ଆଉ ଦୌଡ଼କୁଦ ଆଉ ଛୋଟିଆ ମୋଟିଆ ନିତ୍ୟ ନିୟମିତ କାର୍ଯ୍ୟକରିବାରେ ଅପାରଗ ହେଲେ। ସେହିପରି ଏହାର ଆନୁସଙ୍ଗିକ ସମସ୍ୟା ଗୁଡ଼ିକରେ ମାଂସପେଶୀ ଦୁର୍ବଳତା, ଥାଇରଏଡ଼ ସମସ୍ୟା, ରକ୍ତ ସଂକ୍ରମଣ, ଦୃଷ୍ଟି ଦୋଷ, କାନ ସଂକ୍ରମଣ ଓ ଶ୍ରବଣ ସମସ୍ୟା ମେରୁଦଣ୍ଡ ଉପରିଭାଗର ସମସ୍ୟା, ଏପରିକି ହୃଦରୋଗ ମଧ ଦେଖାଦେଇଥାଏ। ବିଶେଷଜ୍ଞଙ୍କ ପରାମର୍ଶ ଦରକାର ପଡ଼ିଥାଏ। ଏହି ପରୀକ୍ଷା ନିରୀକ୍ଷା ଓ ଆବଶ୍ୟକୀୟ ପରାମର୍ଶ ରାଜ୍ୟର ସରକାରୀ ଓ ବେସରକାରୀ ଡାକ୍ତରଖାନାରେ ମିଳୁଛି। ବ୍ଲକ, ଜିଲ୍ଲା କିମ୍ବା ରାଜ୍ୟ ପୁର୍ନବାସ ସଂସ୍ଥା, ଘରୋଇ ଦିବ୍ୟାଙ୍ଗ ନିରାକରଣ ଓ ଚିକିତ୍ସାକେନ୍ଦ୍ରରେ ମଧ ଏହା ଏହି ସୁଯୋଗ ଉପଲବ୍ଧ। ଡାଉନ ସିଣ୍ଡ୍ରୋମ ସମସ୍ୟାକୁ ନେଇ ଆପଣମାନେ ସେତେ ଭୟଭୀତ ହୁଅନ୍ତୁ ନାହିଁ। ପ୍ରାଥମିକ ସମୟରୁ ପରାମର୍ଶ ଓ ଚିକିତ୍ସା ଗ୍ରହଣ କଲେ ଏହା ସମସ୍ୟା ହୋଇ ରହିବନାହିଁ।

ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ'
କାଠଗୋଲାରୋଡ଼, ମଙ୍ଗଳାବାଗ, କଟକ,
ଦୂରଭାଷ : ୯୪୩୮୨୭୬୭୬୦

# ଉପରବାଲାଙ୍କ ଅଦାଲତ



ଭାସ୍କର ବାରିକ୍

ବିବେକର ଐଶ୍ୱର୍ଯ୍ୟ ଓ ବିଭବତା କେତେ ପରିମାଣରର ଜୀବିତ ନା ସଂପୂର୍ଣ୍ଣ ମୃତ ଆଜିକାଲିର ସୁବିଧାବାଦୀ ସ୍ୱାର୍ଥପର ଦୁନିଆଁରେ ମଣିଷର ମନ ହୃଦୟରେ , ସେ କଥାର ଉତ୍ତର ବୋଧହୁଏ ନିରୋଳା ମୁହୂର୍ତ୍ତରେ ମଣିଷ ଯଦି ନିଜକୁ ପଚାରେ, ତାହେଲେ ସଠିକ୍ ଉତ୍ତର ମିଳିବ ଅନ୍ତରାତ୍ମାରୁ । କିନ୍ତୁ ଆମେ କାନଡ଼ ?ରି ଅନ୍ତରାତ୍ମାର ଡ଼ାକ ଓ ବାର୍ତ୍ତା ଶୁଣିଲେ ତ ? ଅନୈତିକ ଅମଡ଼ା ବାଟରେ ଚାଲି ଯଦି ପାର୍ଥିବ ସୁଖ ସମୃଦ୍ଧି ମିଳୁଛି, ତେବେ ସେହି ବାଟରେ ଯାଇ ପୁଳାଏ ରୋଜଗାର କରି ନିଜର ଚଉଦ ପୁରୁଷ ଯାଏ ସଂଚୟ କରି ରଖିବା ପାପ ନୁହେଁ କି ଦୋଷ ନୁହେଁ ବୋଲି ଯେଉଁମାନେ ଭାବୁଛନ୍ତି , ବୋଧହୁଏ ଆଜିର ଦୁନିଆରେ ସେମାନେ ସବୁଠାରୁ ଚାଲାକ୍ ଓ ଚତୁର ମଣିଷ ଭିତରେ ଗଣା ହୁଅନ୍ତି । ଖଡ଼ି ଗୁଣ୍ଡ ଦେହରେ ପଡି ନଥାଉ, କଳବଳ ଖଟେଇ, ଅନ୍ୟର ତଣ୍ଟି କାଟି ଅର୍ଥନୈତିକ ସଫଳତାର ପାହାଚ ଚଢ଼ି ଆମେ ଯଦି ବସି ପାରିଲେ ସଭା ସମିତିରେ ବେକରେ ଗୋଛାଏ ଫୁଲମାଳ ପକେଇ, ତାହେଲେ ଭଦ୍ର ମାନ୍ୟଗନ୍ୟ ବ୍ୟକ୍ତିର ମର୍ଯ୍ୟାଦା ଆପେ ଆପେ ଅଜାଡ଼ି ହେଇ ପଡ଼ିବ । କାହାକୁ କେତେବେଳେ ଟଙ୍କ ? ଆଠଣା ଦେଇ ନିଜକୁ ଦାନବୀର କର୍ଣ୍ଣ ଓ ହରିଶ୍ଚନ୍ଦ୍ର ବୋଲି ଦେଖେଇବାର ମନୋଭାବ ଆମ ଭିତରେ । ଏକଥା ବି ସତ ଯେ ଅଧିକାଂଶ କ୍ଷେତ୍ରରେ ଆମେ ମୌକା ଦେଖି ଦାନ କରିଥିବା ଅର୍ଥର କଡ଼ା ଗଣ୍ଡା ଆଦାୟ ବି କରିନେଉ ବିଭିନ୍ନ ଉପାୟରେ । ଅନୀତି ଅନ୍ୟାୟ ଅପକର୍ମ ପାପାଚାର ବ୍ୟଭିଚାର ଆମ ପାଇଁ ନ୍ୟାୟ ସଦୃଶ । ଦେହରେ ବଳ ଅଛି,ପକେଟରେ ଅର୍ଥ ଅଛି , ଆଉ କ'ଣ ଦରକାର । ଯାହା କଲେ ବି ସବୁ ମାଫ୍ । ପୁରା ସଫା ସୁତୁରା ଚେହେରା ସମାଜ ଆଖିରେ । ଚୋରି ଡକାୟତି, ବେକରୁ ସୁନା ଚେନ୍ ଚିଡ଼ ?ଇ ନେଇଯିବା , ରାତି କଥା ଛାଡ଼ନ୍ତୁ ସ୍ପଷ୍ଟ ଦିବାଲୋକରେ ଯାବତୀୟ ଅପରାଧ ଘଟେଇବା , ବାଇଚାନ୍ସ ପୁଲିସ୍ ହାତରେ ଧରା ପଡ଼ିଲେ, ବିଭିନ୍ନ ପ୍ରକାର ଚାପ ପକାଇ ଆଇନ୍ ମୁଠାରୁ ଖସିଯିବାକୁ ଚେଷ୍ଟା କରିବା, ଯଦି ଖସି ନହେଲା ତାହେଲେ ଅଦାଲତରେ ଦାମିକିଆ ଓକିଲ ଲଗେଇ ଖସିବାର ଗଳାବାଟ ତିଆରି କରିବାର କଳା କୌଶଳ ଆପଣେଇବାର ଚିନ୍ତାଧାରା ଓ ମାନସିକତା ଆମ ଭିତରେ । କିନ୍ତୁ ଏସବୁର ଶେଷ ପରିଣତି କ'ଣ ? ଆମେ ଭୁଲି ଯାଉଛୁ ଯେ ଜଣେ ସର୍ବ ଶକ୍ତିମାନ ଅଦୃଶ୍ୟ ଶକ୍ତି ଆମ ଉପରେ, ଆମ ଚିନ୍ତା ଚେତନା ଓ କର୍ମ ଉପରେ ଅହରହ ନଜର ରଖିଛନ୍ତି । ସବୁ ନ୍ୟାୟାଳୟର ଉପରେ ଯେଉଁ ନ୍ୟାୟାଳୟ ଅଛି, ସେଇଠି ଧର୍ମର ନିକିତି ଧରି ବସିଛନ୍ତି ଜଣେ ଯାହାଙ୍କର ବିନା ନିର୍ଦ୍ଦେଶନାରେ ଗଛର ପତ୍ରଟିଏ ବି ହଲେନି । ପାପ କରି, ଅପରାଧ କରି ଟଙ୍କା ବଳରେ ଏଇଠୁ କିଛି ଫାଟକ ପାରେଇ ପାପି ଖସିଯାଇ ପାରେ, କିନ୍ତୁ ଉପରବାଲାଙ୍କ ନ୍ୟାୟାଳୟରେ ଧରା ପଡିବା ନିଶ୍ଚିତ । ଭାଗବତ ପରା କୁହନ୍ତି,' କର୍ମ କରିଣ ଫଳପାଇ, ପ୍ରାଣୀ ତା ଅବଶ୍ୟ ଭୁଂଜଇ',। ଯାହା କଲେବି, ଯେତେ ଚାଲାକ୍ ହେଲେବି ପାପର ଫଳତ ଭୋଗିବାକୁ ହେବ । ସର୍ବଦ୍ରଷ୍ଟାଙ୍କ ଆଖିରୁ କେହି ଖସିଯାଇ ପାରିବେନି । ସୋସିଆଲ ମିଡ଼ିଆରେ ପ୍ରଚାରିତ ଏକ ଘଟଣା ବିଷୟରେ ପଢ଼ିଥିଲି ଯାହା ଅନେକ ଜାଣିଥିବେ,ପଢିଥିବେ କିମ୍ବା ଶୁଣିଥିବେ । ଭାରତର ସର୍ବୋଚ୍ଚ ନ୍ୟାୟାଳୟରେ ଏକୋଇଶିତମ ମୁଖ୍ୟ ବିଚାରପତି ଭାବରେ ପବିତ୍ର ଓଡିଶା ମାଟିର ସୁଯୋଗ୍ୟ ସନ୍ତାନ ଶ୍ରୀଯୁକ୍ତ ରଙ୍ଗନାଥ ମିଶ୍ର ମହାଶୟ ଯେତେବେଳେ ଥିଲେ, ସେହି ସମୟର କୁଆଡେ ଏ ଘଟଣା । ଏକଦା ବ୍ରହ୍ମାଣ୍ଡ ଠାକୁର କାଳିଆ ସାଆନ୍ତଙ୍କ ଦର୍ଶନ ପାଇଁ ନ୍ୟାୟାଧିଶ ମହାଶୟ ପୁରୀ ଆସିଥିଲେ । ଦାରୁବ୍ରହ୍ମଙ୍କୁ ଦର୍ଶନ କରି ସିଂହଦ୍ୱାର ଦେଇ ବାହାରକୁ ଆସୁଥାନ୍ତି । ସେହି ସମୟରେ ତାଙ୍କ ନାମ ଧରି କେହି ଜଣେ ବଡ଼ ପାଟିକରି ତାଙ୍କୁ ଡାକୁଥିବାର ଶୁଣି ସେ ଆଶ୍ଚର୍ଯ୍ୟ ହୋଇଥିଲେ । ନିଜର ପଦପଦବୀ କଥା ଭୁଲି ମାନବିକତା ଓ ମଣିଷପଣିଆର ପରିଚୟ ଦେଇ ନ୍ୟାୟାଧିଶ ମହାଶୟ ତାଙ୍କୁ ଡାକୁଥିବା ଲୋକଟି ପାଖକୁ ଯାଇଥିଲେ । ଦେଖିଲେ, ସେ ଲୋକ ଜଣେ ବିକଳାଙ୍ଗ । ହାତରେ ପଟି ବନ୍ଧା ଯାଇଛି । ଲୋକଟି ନିଜର ପରିଚୟ ଦେଲା ଭାରତର ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧିଶଙ୍କୁ । ନିଜର ଅତୀତ କୁକର୍ମ କାହାଣୀ ଆପେ ଆପେ ତା ପାଟିରୁ ବାହାରିଲା । ସେ ଅତୀତରେ ଥିଲା ଜଣେ ଡକାୟତ, ନିଷ୍ଠୁର ନୃଶଂସ ଖୁନୀ ଆସାମୀ । ନାମ ଥିଲା ତା'ର କୁଳିଆ । ଜଷ୍ଟିସ ମିଶ୍ର ଓକିଲାତି କଲାବେଳେ କୁଆଡେ ତା'ର ଗୋଟିଏ ମକଦ୍ଦମା ଲଢିଥିଲେ ଯେଉଁ କେସ ରେ କୁଳିଆ ପ୍ରକୃତରେ ଡକାୟତି ସହିତ ଖୁନ୍ କରିଥିଲା । ଓକିଲର ଧର୍ମ ନ୍ୟାୟାଳୟରେ କେସ୍ ଲଢିବା । ଜଣେ ଭଲ ନାମକରା ଓକିଲ ଭାବରେ ଶ୍ରୀଯୁକ୍ତ ରଙ୍ଗନାଥ ମିଶ୍ର କୁଳିଆ ଡାକୁର କେସ୍ ଲଢିଥିଲେ । ନ୍ୟାୟାଳୟରେ ବିଚାର ପରେ କୁଳିଆ ଖଲାସ ହେଇଥିଲା ନିର୍ଦ୍ଦୋଷରେ । ଏହି କୁକର୍ମ ପାପ କରିବାର କିଛି ବର୍ଷ ପରେ ସେ ହେଲା କୁଷ୍ଠ ରୋଗାକ୍ରାନ୍ତ। ସମସ୍ତଙ୍କ ଆଖିରେ ହେଲା ଘୃଣାର ପାତ୍ର । ନିଜର ପରିବାର ବି ତାକୁ ନିଜ ପାଖରେ ରହିବା ପାଇଁ ଅନୁମତି ଦେଲେନି । ପରତଣ୍ଟି ଚିପି, ତଣ୍ଟି କାଟି ଟଙ୍କା ରୋଜଗାର କରି ଯେଉଁ ପରିବାରକୁ ପୋଷୁଥିଲା, ସେହି ପରିବାର ବି ଦୂର୍ଭାଗ୍ୟ ସମୟରେ ପାଖରେ ଠିଆ ହେଲାନି । ଚୁରୁମାର ହୋଇଗଲା ମନର ଅହଂକାର , ଭାଙ୍ଗିଗଲା ଅନ୍ୟର ଲୁହ ଲହୁ କୋହ ଉପରେ ଗଢୁଥିବା ସପନର ସୌଧ । ଭାଗ୍ୟର, ନିୟତିର କି ଅଦ୍ଭୁତ ଖେଳ ଦେଖନ୍ତୁ । ମଣିଷ ପରିଚାଳିତ ଅଦାଲତରୁ ଖସିଗଲା କିନ୍ତୁ ଈଶ୍ୱରଙ୍କ ଅଦାଲତରେ ପାଇଲା ଦଣ୍ଡ । ଈଶ୍ୱର ତାକୁ ବିକଳାଙ୍ଗ କରିଦେଲେ । ଏବେ ବଡ଼ଦାଣ୍ଡରେ ଭିକ୍ଷା ମାଗି ଚଳୁଛି । ଏତିକି କଥା କୁଳିଆ ପାଖରୁ ଶୁଣିବା ପରେ ନ୍ୟାୟାଧିଶ ମହାଶୟ ନିଜ ପକେଟରୁ ଶହେ ଟଙ୍କିଆ ନୋଟ୍ ଗୋଟେ କୁଳିଆକୁ ଦେଇ ସେ ସ୍ଥାନ ଛାଡିଥିଲେ । ପରେ ପୁରୀର ଏକ ଆଇନ୍ ମହାବିଦ୍ୟାଳୟରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜଷ୍ଟିସ ମିଶ୍ର ଏହି କଥାଟି ତାଙ୍କ ଭାଷଣରେ କହିଥିଲେ ଲୁହ କୋହଭରା କଣ୍ଠରେ । ' ନ୍ୟାୟାଳୟରେ ବସି ଆମେ ନ୍ୟାୟାଧିଶ ମାନେ ବିଚାର କରୁଛୁ ଓକିଲଙ୍କ ଯୁକ୍ତି ଓ ପ୍ରମାଣ ଆଧାରରେ । କିନ୍ତୁ ତା ଭିତରେ ବେଳେ ବେଳେ ପ୍ରକୃତ ଅପରାଧୀ ଖସି ଯାଉଛି । ମଣିଷର ଅଦାଲତରୁ ଜଣେ ଅପରାଧୀ ଖସିଯାଇ ପାରେ, କିନ୍ତୁ ଉପରବାଲାଙ୍କ ନ୍ୟାୟାଳୟରୁ କେହି କେବେ ଖସି ଯାଇ ପାରିବ ନାହିଁ । ପାପ କୁକର୍ମ ଅପରାଧ ପାଇଁ ଦଣ୍ଡ ମିଳିବ ହିଁ ମିଳିବ '। ଏମିତି ଘଟଣା ମନ ହୃଦୟକୁ ଦୋହଲେଇ ଦିଏ ସତରେ । ଯେଉଁମାନେ ଈଶ୍ୱରଙ୍କ ସତ୍ତାକୁ ଅଣଦେଖା କରି, ନିଜର ବାହାଦୂରୀ ଦେଖେଇ ଅସହାୟ ଦୂର୍ବଳ ମଣିଷକୁ କୀଟ ପତଙ୍ଗ ଭଳି ହୀନ ମାନସିକତା ନେଇ ଦେଖନ୍ତି, ବାହୁବଳ ଓ ଅର୍ଥର ଅହମିକାରେ ବଶବର୍ତ୍ତୀ ହୋଇ କଟୁ କଥା କହି ଅନ୍ୟର ମନରେ ଆଘାତ ଦିଅନ୍ତି , ତା'ର ପରିଣାମ ଆଜି ନହେଲେ ବି କାଲି ପାଇବା ନିଶ୍ଚିତ କୁଳିଆ ଡାକୁ ପରି । ମଣିଷର ଦାନ୍ତରେ ଯେତିକି ବିଷ ଅଛି, ତାଠାରୁ ଢେର୍ ଅଧିକ ବିଷ ଅଛି ମଣିଷ କହୁଥିବା ଶବ୍ଦରେ । ଆମ କୁକର୍ମ ଓ ଶବ୍ଦର ପରିଣାମ ଆମକୁ ବହୁଦୂର ଯାଏ ଦେଖାଯାଏ ନାହିଁ, କିନ୍ତୁ ଯେତେବେଳେ ଦେଖାଯାଏ ,ଆଉ ଆମ ହାତରେ କିଛି ନଥାଏ । ସେତେବେଳେ ତ୍ରାହି ତ୍ରାହି ଡାକିଲେ ବି ଆଉ ରକ୍ଷା ନାହିଁ । ତେଣୁ କଥା କହିବା ବେଳେ ଆମେ ଭାବିଚିନ୍ତି ଶବ୍ଦ ପ୍ରୟୋଗ କରିବା ଦରକାର । କର୍ମ କଲାବେଳେ ସତ୍ୟ ଧର୍ମକୁ ବିଚାର କରିବା ଆବଶ୍ୟକ । ଆମ କର୍ମ ଓ ଭାଷା ଯେମିତି ଆଉ କାହାର ହୃଦୟକୁ ଆଘାତ ନଦେଉ, ସେଥିପ୍ରତି ଆମେ ଯଥେଷ୍ଟ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଶୋଷଣ ,ଚୋରି ଡକାୟତି ,ଅପରାଧ କରି ଖୁସିରେ ଶାନ୍ତିରେ ସବୁଦିନ ଜିଇଁବା ଅସମ୍ଭବ । କଥାରେ ଅଛି ପରା ଚୋର ଘର ସବୁବେଳେ ଅନ୍ଧାର ନଥାଏ । ଦିନେ ନା ଦିନେ ସତ ସାତତାଳ ପଙ୍କ ଭିତରୁ ପଦାକୁ ଆସିବ । ବିଶ୍ୱବିଦ୍ୟାଳୟରୁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇ ବିବେକର ବିଭବତାକୁ ମାରିଦେଲେ , ସେ ଶିକ୍ଷା ଓ ଡିଗ୍ରୀର କିଛି ମାନେ ନାହିଁ । ବିଦ୍ୟା କ'ଣ ଖାଲି ଆମେ ପଢୁଥିବା ବହି ଭିତରେ ସୀମାବଦ୍ଧ କି ? ଯେକୌଣସି ସମୟରେ, ଯେକୌଣସି ସ୍ଥାନରେ, ଯେକୌଣସି ବ୍ୟକ୍ତିଙ୍କ ପାଖରୁ ଆମେ ଯାହା ଶିକ୍ଷା କରୁ, ତାହା ଆମର ଶିକ୍ଷା ପଦବାଚ୍ୟ । ବିଦ୍ୟାଳୟ , ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ପାଠ୍ୟ ଖସଡ଼ା ଅନୁସାରେ ଆମେ ବହିରେ ଲେଖା ଯାଇଥିବା ପାଠକୁ ମୁଖସ୍ଥ କରି ପରୀକ୍ଷାରେ ପାଶ୍ କରି ଚାକିରୀ ପଛରେ ଗୋଡଉ ପେଟପାଟଣା ପାଇଁ । ଜିଇଁବା ପାଇଁ ଆମକୁ ଟଙ୍କା ରୋଜଗାର କରିବା ବି ଦରକାର । କିନ୍ତୁ ଏହି ରୋଜଗାର କରିବା ସତ୍ ନ୍ୟାୟ ପଥରେ ହେଲେ ଭଲ । ଆମ ଶିକ୍ଷା ବ୍ୟବସ୍ଥା ତ ଖାଲି ଟଙ୍କା ତିଆରି ମେସିନ୍ ସୃଷ୍ଟି କରୁଛି । ଡିଗ୍ରୀ ଧରି ବାହାରକୁ ଆସିବା ପରେ ଆମେ ସାମିଲ୍ ହେଇ ଯାଉଛୁ ତଣ୍ଟି କଟା ପାର୍ଥିବ ପ୍ରତିଯୋଗିତାରେ । ଆମ ଭିତରେ ନୀତି ନୈତିକତା ଓ ଆଦର୍ଶ ମଣିଷ ପଣିଆର ଭାବନା ବହୁତ କମ୍ । ଏଥିପାଇଁ ପରିବାର, ସମାଜ ଓ ଆମ ଶିକ୍ଷା ବ୍ୟବସ୍ଥା ଦାୟୀ । ଛୋଟ ବେଳୁ ଯଦି ପିଲାଟିକୁ ଭଲମନ୍ଦ,ନୀତି ଅନୀତି, ଈଶ୍ୱରୀୟ ଚେତନା ଓ ପୋଥି ପୁରାଣରେ ବର୍ଣ୍ଣିତ ଶୁଶିକ୍ଷା ବିଷୟରେ କିଛି ଜାଣିବାର ସୁଯୋଗ ନାହିଁ , ସେ ବାସ୍ତବ ଅନ୍ଧକାରରୁ ମୁକ୍ତ ହେବ କେମିତି ।

'ସା ବିଦ୍ୟା ଯା ବିମୁକ୍ତୟେ' , ଅର୍ଥାତ ବିଦ୍ୟା ଆମକୁ ମୁକ୍ତ କରେ, ସତ ମାର୍ଗର ପଥ ଦେଖାଏ । ସର୍ବ ପୁରାତନ ଓ ଦେବଭାଷା କୁହାଯାଉ ଥିବା ସଂସ୍କୃତର ଏହି କଥାକୁ ଇଂରାଜୀ ଭାଷାରେ କୁହାଯାଏ 'ନଲେଜ୍ ଇଜ୍ ଦାଟ୍ ହୁଇଚ୍ ଲିବରେଟସ୍ ' । ସେତେବେଳେ ମୁକ୍ତିଲାଭ ଓ ଶାନ୍ତିର ମନ୍ତ୍ର ହୃଦୟରେ ଗୁଂଜରିତ ହେବ ଯେତେବେଳେ ଆମେ ନିଜକୁ ଚିହ୍ନିବା । ଭଦ୍ର ନମ୍ର ହେବା ସହିତ ପରୋପକାରୀ ହେବା । ଆମ ମନ ଭାବନା, ଚିନ୍ତା ଚେତନା ଓ କର୍ତ୍ତବ୍ୟ କର୍ମରେ ଈଶ୍ୱରଙ୍କ ଉପସ୍ଥିତି ଅଛି ବୋଲି ବୁଝିବା । ଦସ୍ୟୁ ରତ୍ନାକର ଚୋରି ଡକାୟତି ଅପରାଧ କରି ପରିବାର ପୋଷଣ କରୁଥିଲେ । କିନ୍ତୁ ଯେତେବେଳେ ନିଜକୁ ଚିହ୍ନିଲେ ଓ ଜାଣିଲେ ଯେ ସେ କରୁଥିବା ପାପରୁ କେହି କାଣିଚାଏ ଭାଗ ନେବାକୁ ପ୍ରସ୍ତୁତ ନୁହଁନ୍ତି, ବଦଳି ଗଲା ହିଂସ୍ର ସ୍ୱଭାବ । ବଦଳି ଗଲା ଜୀବନର ଚଲାପଥ । ଜପି ଚାଲିଲେ ଈଶ୍ୱରଙ୍କ ନାମ । ଆଉ ତାପରେ ସୃଷ୍ଟି ହେଲା ବିଶ୍ୱର ଅନ୍ୟତମ ସର୍ବଶ୍ରେଷ୍ଠ ମହାକାବ୍ୟ ରାମାୟଣ । ପ୍ରାପ୍ତି ହେଲା ଈଶ୍ୱରଙ୍କ କୃପା । ଭଗବତ୍ ଚିନ୍ତା ରତ୍ନାକରଙ୍କୁ ସମସ୍ତ ଅନ୍ଧାର କାଳିମା ଭିତରୁ ମୁକ୍ତ କରିଦେଲା । ମୁକ୍ତିର ମାର୍ଗ ଖୋଜିଲେ ମିଳିବ । କିନ୍ତୁ ଆମେତ ମିଛ ଖୁସି ସୁଖ ସାଉଁଣ୍ଟି ଚାଲିଛୁ । ସଂସାର ଚଳେଇବା ପାଇଁ ଯାହା କରଣୀୟ, ତାହା ଆମେ କରିବା ଉଚିତ୍ । ଗୋଟିଏ ଜାଗାରେ ବସି କିଛି କର୍ମ ନକରି ଖାଲି ଈଶ୍ୱରଙ୍କୁ ପ୍ରାର୍ଥନା କଲେ ସଂସାର ଚଳିବ କେମିତି ? ସାଂସାରିକ ମାୟା ବନ୍ଧନରେ ରହି ଆମେ କ'ଣ ନୀତି ଆଦର୍ଶକୁ ଧରି ଈଶ୍ୱରଙ୍କ ପାଇଁ କିଛି ସମୟ ଦେଇ ପାରିବାନି ? ଦୂର୍ଭାଗ୍ୟର କଥା ଯେ ଆମ ପାରିବା ପଣିଆର ନିକିତିରେ ଆମେ ନିଜକୁ ବହୁତ ଓଜନିଆ ଭାବୁଛୁ । ଯେଉଁ ବାଟରେ ଯିବା କଥା ନୁହେଁ, ସେହି ବାଟରେ ଚାଲୁଛୁ । ଆତ୍ମ କୈନ୍ଦ୍ରିକ ହୋଇ କୁକର୍ମ, ଅପକର୍ମ,ପାପ, ଦୁର୍ନୀତି, ଶୋଷଣ ବ୍ୟଭିଚାର, ଅପରାଧ କରି ଯେନତେନ ପ୍ରକାରେ ସବୁ ଲୁଚେଇବାକୁ ଚେଷ୍ଟା କରୁଛୁ ଅନ୍ୟର ଆଖିରେ ଧୂଳି ଫିଙ୍ଗି । ଆମେ ବେଶୀ ଚାଲାକି ଦେଖେଇ କରୁଥିବା କୁକର୍ମ, ଅପରାଧ ବିଷୟରେ କେହି କିଛି ନ ଦେଖିଲେ ବି , କେହି ନ ଜାଣିଲେ ବି , ଜଣେ ସବୁକିଛି ଦେଖୁଛନ୍ତି ଉଭୟ ଆମ ଭିତର ଓ ବାହାରକୁ । ରାତିଦିନ କରୁଥିବା ଉପରବାଲାଙ୍କ ନ୍ୟାୟାଳୟର ଉପରେ ଆଉ କିଛି ନ୍ୟାୟାଳୟ ନାହିଁ କି କେହି ନ୍ୟାୟାଧିଶ ନାହାଁନ୍ତି । ସବୁ ନ୍ୟାୟାଧିଶ ଓ ନ୍ୟାୟାଳୟ ଉପରେ ଈଶ୍ୱରଙ୍କ ନ୍ୟାୟାଳୟ ରାତିଦିନ କାମ କରୁଛି । ଯାହା କହିବା ଓ ଯାହା କରିବା, ସେହି ଉପରବାଲାଙ୍କୁ ଚିନ୍ତା କରି କହିବା ଓ କର୍ମ କରିବା ଆମ ପାଇଁ ଶୁଭଙ୍କର । ଟେବୁଲ୍ ତଳେ ମୂଳଚାଲ, ଚାଉଳରେ ଗୋଡ଼ି, ପେଟ୍ରୋଲରେ କିରୋସିନି, ଘିଅ , ହଳଦୀଗୁଣ୍ଡ,ଖାଇବା ତେଲ ଇତ୍ୟାଦିରେ ଅପମିଶ୍ରଣ କରି ବହୁତ ବଡଲୋକ ହେବାର ସ୍ୱପ୍ନ କେତେବେଳେ ଯେ ଉପରବାଲାଙ୍କ କୋପରେ ଧୂଳିସାତ ହେଇଯିବ, ସେକଥା ସମସ୍ତଙ୍କୁ ଅଜଣା । ଆମେ ପଢିଥିବା ପାଠ ଓ ଶିଖିଥିବା ସଂସ୍କୃତି ଓ ସଂସ୍କାରକୁ ସ୍ୱାର୍ଥର ନିଆଁରେ ପୋଡିଦେବା ଅର୍ଥ ମଣିଷ ପଣିଆକୁ ଆହୁତି ଦେବା ସହିତ ସମାନ । ବିନା ମଣିଷ ପଣିଆରେ ଆମେ କି ମଣିଷ ? ଆମେ ଥରୁଟିଏ ହେଲେ ଚିନ୍ତା କରିବାର ଅଛି ଯେ ଆମେ ଅର୍ଥନୈତିକ ଦୃଷ୍ଟିକୋଣରୁ ଯେନତେନ ଉପାୟରେ ବଡଲୋକ ହେବା ନା, ମଣିଷ ପଣିଆକୁ ଛାତି କଲିଜାରେ ଜାକିଧରି ଭଲ ମଣିଷ ହେବା ନା ବଣ ମଣିଷ ପରି ଜିଇଁବା । ଶ୍ରେଷ୍ଠ ଜୀବ ମଣିଷ ପାଇଁ କେଉଁଟା ଠିକ୍ , ସେ ବିଷୟରେ ଥରେ ଗଭୀର ଭାବରେ ଚିନ୍ତା କରିବାଟା ଉଚିତ୍ ନୁହେଁ କି ? ଅଜାଣତରେ କିଛି ଭୁଲ୍ ହେଇଗଲେ ଈଶ୍ୱରଙ୍କ ଅଦାଲତରେ କ୍ଷମା ଅଛି, କିନ୍ତୁ ଜାଣି ଜାଣି ଭୁଲ୍ କଲେ , କର୍ମଫଳ ଭୋଗ କରିବାକୁ ହିଁ ହେବ । କର୍ମଫଳରୁ ଆମକୁ କେହି ରକ୍ଷା କରି ପାରିବେନି । ସର୍ବଦ୍ରଷ୍ଟା,ସର୍ବ ବିଦ୍ୟମାନ ଓ ସର୍ବ ଶକ୍ତିମାନ ଈଶ୍ୱର ଆମର ପ୍ରତିଟି ଶବ୍ଦ ଓ କର୍ମକୁ ଆମ ଅଜାଣତରେ ଶୁଣୁଛନ୍ତି ଓ ଦେଖୁଛନ୍ତି । ଅନ୍ତତଃ ଏତିକି କଥା ସବୁବେଳେ ମନେ ରଖିବା,ଭୁଲ୍ କରି, ଅପରାଧ କରି ପୁଲିସ୍ ଓ ନ୍ୟାୟାଳୟରୁ ଆମେ ମିଛସତ କହି ଖସିଗଲେ ବି ଉପରବାଲାଙ୍କ ଅଦାଲତରେ ନିଜର କର୍ମ ଅନୁସାରେ ଦଣ୍ଡବିଧାନ ସୁନିଶ୍ଚିତ କୁଳିଆ ଡାକୁ ପରି ।

ବାସୁଦେବପୁର,ଭଦ୍ରକ
ଦୂରଭାଷ ୯୪୩୭୩୨୦୩୫୦

# ଓଳକଣା ମେଳଣ : ଏକ ଅନନ୍ୟ ପରମ୍ପରା



ବଟକୃଷ୍ଣ ସାମଲ

ଓଡ଼ିଶାର ପାରମ୍ପରିକ ମୁଖ୍ୟ ଯାତ୍ରା ଭାବରେ ଲୋକ ମୁଖରେ ଶୁଣାଯାଉ ଥିବା ମଧ୍ୟରୁ.. ଓଳକଣା ମେଳଣ ଆଳିରାଜା ଝୁଲଣ ଅସୁରେଶ୍ୱର ରାମ ନବମୀ, ଶ୍ରୀକ୍ଷେତ୍ରରେ ଚନ୍ଦନ। ଓଳକଣା ମେଳଣ ଅନୁଷ୍ଠିତ ହେଉଥିବା ପଡ଼ିଆଟି କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଅରାଖଣ୍ଡ ଓ ନୀଳକଣ୍ଠପୁର ଏବଂ କଟକ ଜିଲ୍ଲା ମାହାଙ୍ଗା ଅର୍ନ୍ତଗ ଓଳକଣା ଗ୍ରାମର ମଧ ସ୍ଥଳିରେ ଅବସ୍ଥିତ। ପଡ଼ିଆର ୯୦ ଭାଗ କେନ୍ଦ୍ରାପଡ଼ା ଜିଲ୍ଲାରେ ରହିଥିବା ବେଳେ ମାହାଙ୍ଗାର ଓଳକଣା ଗ୍ରାମରେ ୧୦ ଭାଗ ରହିଅଛି। ମେଳଣ ସୃଷ୍ଟି କେବେ ଠାରୁ ଆରମ୍ଭ ତାହା ଏ ପର୍ଯ୍ୟନ୍ତ ସଠିକ ଭାବେ ନିର୍ଣ୍ଣୟ କରାଯାଇ ପାରିନାହିଁ। ମୋ ଅନୁମାନ ଏହାର ଦୁଇଟି ପ୍ରକାର ହୋଇପାରେ ଏଠାରେ ମୁଁ ପ୍ରଥମେ ପୌରାଣିକ ଏବଂ କିମ୍ବଦନ୍ତୀ ତଥା ପ୍ରଚଳିତ ଲୋକକଥାଟିକୁ ଆପଣ ମାନଙ୍କ ଦୃଷ୍ଟିକୁ ଆଣିବାକୁ ଉଚିତ ମନେ କରୁଛି। ହୋଲି ଉତ୍ସବ ଓ ମେଳଣ ମାନଙ୍କରେ ବିମାନରେ ପ୍ରାୟତଃ ରାଧାକୃଷ୍ଣ ମୂର୍ତ୍ତି ବିରାଜମାନ ହୋଇ ଆସିଥାନ୍ତି, କିନ୍ତ ଉକ୍ତ ଓଳକଣା ମେଳଣ ବିଶିଷ୍ଟତା ଏହି ଯେ ଏଠାରେ ହରିହର ଅର୍ଥାତ୍ ଭଗବାନ ଶ୍ରୀକୃଷ୍ଣ ଓ ଶିବଶମ୍ଭୁଙ୍କ ମିଳନ ହୋଇଥାଏ। ପ୍ରତ୍ୟେକ ବିମାନରେ ରାଧାକୃଷ୍ଣଙ୍କ ମୂର୍ତ୍ତି ଆସିଥିବା ବେଳେ ଭଦ୍ରେଶ୍ୱରରୁ ବୀରଭଦ୍ରଶ୍ୱରଙ୍କ ପ୍ରତୀକ ସ୍ୱରୂପ ଆଙ୍କା ଚୁଳମାଳ ବିମାନରେ ମେଳଣକୁ ଆସି ହରିହର ଭେଟ ବା ମେଳଣ ଅନୁଷ୍ଠିତ ହୋଇଥାଏ। କିମ୍ବଦନ୍ତୀ ଓ ଲୋକସ୍ମୃତି କୁହେ, ଦ୍ୱାପର ଯୁଗରେ ପାଣ୍ଡବ ମାନଙ୍କ ଅଜ୍ଞାତବାସ ସମୟରେ ପାଣ୍ଡବମାନେ କିଛି ଦିନ ପାଇଁ ନିକଟସ୍ଥ ଏକ ସ୍ଥାନରେ ଡେରା ପକାଇ ରହିଥିବାରୁ ସେହି ଗ୍ରାମଟିର ନାମ ଡେରାଡିହ ନାମରେ ନାମିତ ହୋଇଛି। ବର୍ତ୍ତମାନ ଯାହା ପଞ୍ଚୁପାଣ୍ଡବ ଛକ ନାମରେ ପ୍ରଚାରିତ। ପାଣ୍ଡବମାନଙ୍କ ହିତୈଷୀ ଯଥା ମହାତ୍ମା ବିଦୂର, ଭକ୍ତ ଉଦ୍ଧବ, ପିତାମହ ଭୀଷ୍ମ ଇତ୍ୟାଦି ତାଙ୍କର ପ୍ରିୟ ପାଣ୍ଡବ ମାନଙ୍କୁ ସାକ୍ଷାତ କରିବା ନିମନ୍ତେ ଆସି ସେ ସମୟରେ ବୋଧେ ପାଣ୍ଡବ ମାନେ ଅବସ୍ଥାନ କରୁଥିବା ଅନତି ଦୂରରେ ଅରାଖଣ୍ଡ ଠାରେ କିଛି ଦିନ ଅବସ୍ଥାନ କରି ଥିବାରୁ ସେଠାରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ମନ୍ଦିର ମାନଙ୍କରେ ତାଙ୍କ ମୂର୍ତ୍ତି ସ୍ଥାପନ କରାଯାଇ ଅଦ୍ୟାବଧି ପୂଜାର୍ଚ୍ଚନା କରାଯାଉଅଛି।

ହରିହର ମେଳଣର ତାତ୍ପର୍ଯ୍ୟ ସମ୍ପର୍କରେ ନିକଟସ୍ଥ ଗୋପାଳପୁର ଗ୍ରାମର କବି ଦ୍ୱିତୀୟ ଉପେନ୍ଦ୍ରଭଞ୍ଜ ସ୍ୱର୍ଗତ ଗୋଲକଚନ୍ଦ୍ର ପ୍ରଧାନ ତାଙ୍କ ତୁଳସୀ କାବ୍ୟରେ ଉଲ୍ଲେଖ କରି ଲେଖିଛନ୍ତି ଯେ, ପ୍ରଭୁ ବଳରାମ ବ୍ରହ୍ମହତ୍ୟା ପାପରୁ ମୋକ୍ଷ ହେବା ନିମନ୍ତେ ଭାରତ ବର୍ଷର ବିଭିନ୍ନ ତୀର୍ଥ ପର୍ଯ୍ୟଟନ ସମୟରେ ଓଁ କାର କ୍ଷେତ୍ର ଓଳକଣାରେ ପ୍ରବେଶ କରିଛନ୍ତି। କବି ଲେଖିଛନ୍ତି ଯେ. 'ନୈମିଷ୍ୟା ଅରଣ୍ୟେ ବଲ୍ୱଳ ନିଧନେ, ମନେ ଭରି ମହା ଦୁଃଖ, ବ୍ରହ୍ମହତ୍ୟା ପାପ ବିମୋଚନେ ଅବା, ସେ ପାପୁ ହେବାକୁ ମୋକ୍ଷ।। ଧରି ମହାଙ୍ଗଳ ଘୁରେ ମହାକାଳ, ଭାରତ ତୀର୍ଥ ସକଳ, ଭୟେ ବୈତକୂଳେ ଲୁଚନ୍ତି ଆକୁଳେ, ଭେଟିବ କି କାମପାଳ।। ବୈଦ୍ୟନାଥ ଧାମ ଅଗସ୍ତି ଆଶ୍ରମ, ସେମାନାଥ ରାମେଶ୍ୱର। ଭରଦ୍ୱାଜଶ୍ରମ ତ୍ରେବେଣୀ ସଙ୍ଗମ, ବଦ୍ରୀନାଥ ହରିଦ୍ୱାର।। ଗୋକର୍ଣ୍ଣ ତୀର୍ଥରେ କରି ମହାସ୍ନାନ, ଗୟାରେ କରି ତର୍ପଣ। ଉତ୍କଳର ତୀର୍ଥ ପର୍ଯ୍ୟଟନ ଲାଗି, ଧାଇଁ ଅଛି ଶଙ୍କର୍ଷଣ।। ସର୍ବତୀର୍ଥ ଘୁରି ଘୁରି ମହାବଳୀ, ଓଳକଣାରେ ପ୍ରବେଶ। ଗ୍ରାମ୍ୟ ଆଦ୍ୟ ପ୍ରାନ୍ତ ଆରମ୍ଭ ସମାପ୍ତ, ଜାଣି ନପାରି ବିଶେଷ।। ଗୁପ୍ତ ତୀର୍ଥ ଠାରୁ ଭଦ୍ରେଶ୍ୱର ଯାଏ, ସର୍ବ ଓଳକଣା ପୁର। ଗ୍ରାମ ମଧ୍ୟେ ଗଣା ଅଗ୍ରେ ଓଳକଣା, ସର୍ବ ଦେବାଦେବୀ ଠୁଳ।। ବିଦୂରଙ୍କ ଶୁଭ ଆର୍ବିଭାବେ ସର୍ବ, ଦେବା ଦେବୀ ଯହିଁ ଖ୍ୟାତି। ମାଳିକା ପ୍ରସିଦ୍ଧ ଗ୍ରାମ ସିଦ୍ଧୋସିଦ୍ଧ, ଯେଣୁ ତୁହି ପୂଣ୍ୟ ବତୀ।। ବିଦୂର ବିରହ ଦଗ୍ଧ ଯୁଧିଷ୍ଠିର, ସଙ୍ଗେ ଘେନି ମାତା ଭ୍ରାତା। ଦ୍ୱାପର ଯୁଗରୁ ଡେରାଜିହ ଗ୍ରାମେ, ହୋଇଛନ୍ତି ଉପଗତ।। ଅଜ୍ଞାତବାସରେ ପକାଇଲେ ଡେରା, ପାଣ୍ଡବ ଯେ ପାଞ୍ଚଭାଇ। ପଞ୍ଚୁପାଣ୍ଡବଙ୍କ ଡେରା ପଡ଼ିବାରୁ, ଗ୍ରାମ ନାମ ଡେରାଡିହି।। ଅରାଖଣ୍ଡ ଗ୍ରାମେ ଗୁରୁ ଦ୍ରୋଣାଚାର୍ଯ୍ୟ, ସନ୍ନିକଟେ ମହାବୀର। ଉତ୍କଳ ଦୃର୍ଦ୍ଦଶା ମୋଚନେ ଦ୍ୱାପରୁ, ଆସି ସୁମତି ବିଦୂର।। ଅରାଖଣ୍ଡ ଗ୍ରାମେ ସାଧଲେ ସାଧନା, ରଚିଲେ ତହିଁ ସମାଧି। ଚାରି ପାରୁଶରେ ଦେବା ଦେବୀ ଛନ୍ତି, ଗୁପ୍ତ କ୍ଷେତ୍ର ମନେ ଭାବି।। ଗୁପ୍ତେ ସୁବଳୟା ନଦୀ ବହୁଅଛି, ଗୁପ୍ତ ମାଳିକା ପ୍ରମାଣ। ପୂର୍ବ ଦିଗେ ରହିଛନ୍ତି ମହାକାଳୀ, ବାସନ୍ତୀ ଯାହାଙ୍କ ନାମ।। ବାମ ପାର୍ଶ୍ୱ ଉଦ୍ଧବ ଗାଦୀ ବିରାଜେ, ଦକ୍ଷୀଣେ ଶ୍ରୀଜଗନ୍ନାଥ। କ୍ଷେତ୍ର ତିନି ଦିଗେ ସମ୍ଭରେ ଗରୁଡ଼, ଜଗିଛନ୍ତି ତିନିପଥ।। ପାଶେ ଅଷ୍ଟଶମ୍ଭୁ ଧ୍ୟାନେ ମଗ୍ନ ଛନ୍ତି, ଉତ୍ତରେ ସ୍ୱୟଂ ବିଦୂର। ଗୁପ୍ତେ କେତେ ଦେବା ଦେବୀ ରହିଛନ୍ତି ବର୍ଣ୍ଣିବାକୁ ଶକ୍ତି କାର।। ଭକ୍ତ ଜନ ମାନ ତୁହି ଏକା କାମ୍ୟ, ପୁଣ୍ୟବତୀ ଓଳକଣା। ତୋ ତତ୍ତ୍ୱ ନପାଇ କେତେ ମୁନିଋଷି, ଜ୍ଞାନୀ ହେଉଛନ୍ତି ବଣା।। ବ୍ରହ୍ମହତ୍ୟା ପାପୁ ହୋଇବାକୁ ମୋକ୍ଷ, ନିଜେ ଶ୍ରୀକୃଷ୍ଣ ସତୋର, ଭ୍ରମୁ ଭ୍ରମୁ ତୋର ପୁରେ ଉପଗତ, ମହାକୋପି ହଳଧର।। ନପାଇ ତୋ ଭେଦ ମନେ ବହି ଖେଦ, ବାହୁଡ଼ନ୍ତି କାମପାଳ।। ଏ କାଳେ ମିଳିଲେ ଅଗ୍ରେ ଉଭା ହେଲେ, ଆସି ସୁମତି ବିଦୂର।। ମାଗନ୍ତେ ବିଦାୟ ନେତ୍ରୁ ଝାରି ଲୁହ, କହନ୍ତି ଭକ୍ତ ବିଦୂର! ଦର୍ଶନ ନିମନ୍ତେ ମୋ ପ୍ରାଣ ଲାଳସା, ପୂର୍ଣ୍ଣ କର ହଳଧର!! ତବ ଶମ୍ଭୁ ରୂପ ସଙ୍ଗେ ହରି ରୂପ, ଦେଖିବାକୁ ମୋର ମନ! ବରଷକେ ଥରେ କରିବି ଦର୍ଶନ ହରି ହରଙ୍କ ମିଳନ!! ତବ ମନୋବାଞ୍ଛା କରିବି ପୂରଣ, ତବା ଦେଶ ଶିରୋଧାର୍ଯ୍ୟ! ହରି ହର ଭାବେ ଦେବୁ ଆମ୍ଭେ ଦେଖା, ବର୍ଷକରେ ହେବ କାର୍ଯ୍ୟ।, ସେହି ଦ୍ୱାପରରୁ ଫଗୁ ଚର୍ତୁଦଶୀ, ରାତ୍ରରେ ହୁଏ ମିଳନ! ଯୁଗ ଯୁଗ ଧରି ହୋଇ ଆସୁଅଛି, ଏ ଓଳକଣାର ମେଳଣ।।'

ମେଳଣ ଯାତ୍ରାର ବର୍ଣ୍ଣନା କରି କବି ଲେଖିଛନ୍ତି ଯେ, 'ବିନା ନିମନ୍ତ୍ରଣେ ଠାକୁରେ ଆସନ୍ତି ଶୋଭାରେ ନେତ୍ର ଝଲକେ ଅଗଣିତ ବିମାନ ହୁଅନ୍ତି ଠୁଳ, ଚାହୁଁ ଚାହୁଁ ଅପଲକେ।। କାହିଁ ନୃତ୍ୟ କାହିଁ ସଂକ୍ରୀର୍ତ୍ତନ ହୁଏ, ଢ଼ୋଲ ମୃଦଙ୍ଗ କଂସାଳ।। ଭେରୀ ତୁରୀ ଘଣ୍ଟା ନାଦରେ କମ୍ପାଏ, ପକାଇ ରାତ୍ରେ ଚହଳା, ବସ୍ତ୍ର କେଳା କେଳୁଣି ନାଚନ୍ତି, ଫୁଟଇ ଆତସ ବାଜି।। ଗହ ଗହ ନାଦେ ବିରାଟ ଶବଦେ, ଆଲୋକ ମାଳାରେ ସାଜି।। କେ ମାଇଲ ପିଚକାରୀ କେ ଅବିର, ଫିଙ୍ଗୁଥାନ୍ତି ନିରନ୍ତର। ଗୁରୁ ଲଘୁ ଭେଦା ଭାଦ ଭାବ ନାହିଁ, ହୋଲିରେ ସର୍ବେ ବିଭୋର।। ଉଦଣ୍ଡ କୀର୍ତ୍ତନେ ନାଚେ ଚନ୍ଦ୍ର ତାରା, ଆନନ୍ଦେ ନାଚେ ବାସୁକି।। ବିଦୂର ଘରର ଶାଗ ଭାତ ପାଇଁ, ଭକ୍ତ ରହିଥାନ୍ତି ଚାକି।। କି ବର୍ଣ୍ଣିବି ତୋର ମହିମା ଅପାର, ତତ୍ତ୍ୱଜ୍ଞାନ ଗନ୍ତାଘର। ବାରମ୍ବାର ତୋତେ ପ୍ରଣାମ ଜଣାଏ, ଏ ଅଜ୍ଞାନ ମୁକ ଛାର।।'

ମହାତ୍ମା ବିଦୂର ପ୍ରଭୁ ବଳରାମଙ୍କୁ ବର ମାଗିଥିଲେ ଯେ ମୁଁ ଏହି କ୍ଷେତ୍ରରେ ପ୍ରତ୍ୟେକ ବର୍ଷ ଫାଲଗୁନ ଚତୁର୍ଦ୍ଦଶୀ ରାତ୍ରୀ ବ୍ରାହ୍ମ ମୁହୂର୍ତ୍ତରେ ଆପଣଙ୍କ ଶିବଶମ୍ଭୁ ଓ ଭଗବାନ ଶ୍ରୀକୃଷ୍ଣଙ୍କ ମିଳନ ରାହାସ ଦେଖିବା ପାଇଁ ମୋତେ ବର ପ୍ରଦାନ କରନ୍ତୁ। ବିଦୁରଙ୍କ ଅନୁରୋଧ ରକ୍ଷା କରି ପ୍ରଭୁ ବଳରାମ ବିଦୁରଙ୍କୁ ବର ପ୍ରଦାନ କରି ଏଠାରେ ହରିହର ଭେଟ ବା ମେଳଣ ଅନୁଷ୍ଠିତ ହେବାକୁ ବର ପ୍ରଦାନ କରିଥିବା ହେତୁ ଏହି ମେଳଣ ଅନୁଷ୍ଠିତ ହୋଇ ଆସୁଥିବା ଲୋକ ମାନଙ୍କ ମୁଖରୁ ଶୁଣିବାକୁ ମିଳେ। ଏହା ବ୍ୟତୀତ ଅନ୍ୟ ଏକ ଐତିହାସିକ ତଥ୍ୟ ଅନୁଯାୟୀ ଆଳି ରାଜାଙ୍କ ଦ୍ୱାରା ଉକ୍ତ ମେଳଣ ସୃଷ୍ଟି ହୋଇ ଥିବାର ଅନୁମାନ କରାଯାଏ। ଉକ୍ତ ମେଳଣର ନୀତି ନିୟମ, ପାରିପାର୍ଶ୍ୱିକ ଅବସ୍ଥା ଓ ପରମ୍ପରାରୁ ଦୃଢ଼ ବିଶ୍ୱାସ ହୁଏ ଯେ, ମୋଗଲବନ୍ଦୀ ଓ ରାଜଯୋଡ଼ା ଅଞ୍ଚଳକୁ ସଂଗଠିତ କରି ରଖି ଦେଶୀୟ ରାଜ୍ୟ ମାନଙ୍କୁ ମୋଗଲ ମାନଙ୍କ ଆକ୍ରମଣ ଏବଂ ଦଖଲ କରିବା ଉଦ୍ଦେଶ୍ୟକୁ ପ୍ରତିହତ କରେଯିବା ନିମନ୍ତେ ଏହି ମେଳଣ ମାଧ୍ୟମରେ ମୋଗଲ ମାନଙ୍କ ଦେଶୀୟ ରାଜ୍ୟ ଦଖଲକୁ ରୋକିବା ବା ବାଧା ଦେବା ନିମନ୍ତେ ଏହାକୁ ଆଳି ରାଜାଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବାର ଅନୁମାନ କରାଯାଏ। ତାର ପ୍ରମାଣ ସ୍ୱରୂପ ଉକ୍ତ ମେଳଣକୁ ହାରାହାରି ୨୦୦ରୁ ଉର୍ଦ୍ଧ୍ୱ ବିମାନରେ ଠାକୁରମାନେ ଆସୁଥିଲେ ମଧ କେବଳ ଆଳି ରାଜାଙ୍କ ବିମାନରେ ଆସୁଥିବା ମା' ଲକ୍ଷ୍ମୀଙ୍କ ବିମାନ ବିଜେ କରୁଥିବା ସ୍ଥାନରେ ବେଦୀ ବନ୍ଧା ଯାଇ କଦଳୀ ଗଛ ପୋତା ହୋଇ ବେଦୀ ଉପରେ ଚାନ୍ଦୁଆ ବା ଚନ୍ଦ୍ରାତପ ଟଙ୍ଗା ଯାଇଥାଏ। ଅନ୍ୟ କୌଣସି ବିମାନ ପାଇଁ ଏ ବ୍ୟବସ୍ଥାନ ନଥାଏ। ପରମ୍ପରା ଅନୁଯାୟୀ ସର୍ବ ପ୍ରଥମେ ଆଳି ରାଜାଙ୍କ ବିମାନ ପଡ଼ିଆ ମଧ୍ୟକୁ ପ୍ରବେଶ କରିଥାନ୍ତି। ନିୟମ ରହିଛି ଯେ ରାଜାଙ୍କ ବିମାନ କୌଣସି କାରଣ ବଶତଃ ଯଦି ପଡ଼ିଆକୁ ପ୍ରବେଶ ନକରି ପାରିଥାନ୍ତି ଏବଂ ଯଦି ଅନ୍ୟ କୌଣସି ବିମାନ ପଡ଼ିଆକୁ ଆସି ଯାଇଥାନ୍ତି ତାହାହେଲେ ସେମାନେ ବିମାନ ବସାଇ ପାରିବେ ନାହିଁ। ରାଜାଙ୍କ ବିମାନ ଆସି ସ୍ଥାନ ଗ୍ରହଣ ନକରିବା ପର୍ଯ୍ୟନ୍ତ ବିମାନ ଗୁଡ଼ିକ ସ୍ଥାନ ଗ୍ରହଣ ନକରି ପୂର୍ବବତ କାନ୍ଧରେ ରହିବେ। ପ୍ରଚାରିତ ହୁଏ ଯେ ବିନା ନିମନ୍ତ୍ରଣରେ ଠାକୁରମାନେ ବିମାନରେ ମେଳଣକୁ ଆସିଥାନ୍ତି କିନ୍ତୁ ତାହା ମଧ ଠିକ୍ କଥା ନୁହେଁ। ମେଳଣ କାର୍ଯ୍ୟକ୍ରମ ଶେଷ ହେବା ପରେ ଆଳି ରାଜାଙ୍କ ବିମାନ ତରଫରୁ ତାଙ୍କର ତତ୍ତ୍ୱାବଧାରକମାନେ ପ୍ରତ୍ୟେକ ବିମାନ ମାନଙ୍କୁ ଚନ୍ଦନ ଓ ଫୁଲମାଳ ଦେଇ ଆସନ୍ତା ବର୍ଷ ମେଳଣକୁ ଆସିବାକୁ ନିମନ୍ତ୍ରଣ କରିଥାନ୍ତି। ଏଥିରୁ ବିଶ୍ୱାସ କରାଯିବା ସ୍ୱାଭାବିକ ଯେ, ପ୍ରଥମେ ମେଳଣ ଆରମ୍ଭ କରାଯିବା ସମୟରେ ଆଳି ରାଜାଙ୍କ ଦ୍ୱାରା ଠାକୁର ମାନଙ୍କୁ ନିମନ୍ତ୍ରଣ କରାଯାଇଅଛି। ଭବିଷ୍ୟତରେ କାଳେ ରାଜାଙ୍କ ଆଗାମୀ ଉତ୍ତରାଧିକାରୀଙ୍କ ତରଫରୁ ପ୍ରତ୍ୟେକ ବର୍ଷ ବିମାନ ମାନଙ୍କୁ ନିମନ୍ତ୍ରଣ ଦେବାର ଅବହେଳା ଜନିତ ତ୍ରୁଟି ସୃଷ୍ଟି ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖାଯାଇ ଆଗାମୀ ବର୍ଷ ମେଳଣକୁ ଆସିବା ପାଇଁ ମେଳଣ ଶେଷର ପ୍ରତ୍ୟେକ ଠାକୁରଙ୍କୁ ଏହିଭଳି ଫୁଲ ଚନ୍ଦନ ଦିଆଯାଇ ନିମନ୍ତ୍ରଣ କରାଯାଇଥାଏ। ଏଥିରୁ ସ୍ପଷ୍ଟ ଅନୁମେୟ ହୁଏ ଯେ ଏହି ପବିତ୍ର ଆଧ୍ୟାତ୍ମିକ ସ୍ୱାକ୍ଷର ବହନ କରୁଥିବା ଓଳକଣା ମେଳଣଟି ଆଳି ରାଜାଙ୍କ ଦ୍ୱାରା ସୃଷ୍ଟି ହୋଇଥାଇପାରେ। (ଜୟ ଓଁ କାରକ୍ଷେତ୍ର ଓଳକଣା ଧାମ)

ଅରାଖଣ୍ଡ, ଓଳକଣା, ଡେରାବିଶ,
କେନ୍ଦ୍ରାପଡ଼ା,
କଟକ, ଦୂରଭାଷ :
୯୪୩୯୧୭୫୫୨୯ /
୯୯୩୭୧୫୩୭୬୯




## ବାହାର ଅ ଳର ଟ୍ରକ ଚଳାଚଳକୁ ନେଇ ଦୁଇସଂଘ ଧାରଣାରେ ମାଟୋଆ ସଂଘ ଧାରଣା ୭ମ ଦିନ ପରେ ଜେଟିଏ ସଂଘର ଧାରଣା ଆରମ୍ଭ



ଯୋଡ଼ା (ପିଏନ)- ଯୋଡା ଖଣିମଣ୍ଡଳ ଅଧୀନ ହେଁସାବେଡା ସ୍ଥିତ ଜୋରିବାହାଲ ଲୌହ ଖଣିରେ ଖଣିଜ ପରିବହନରେ ଡମ୍ପର ପରିବର୍ତ୍ତେ ବାହାର ଟ୍ରକକୁ ନିୟୋଜିତ କରିବାରୁ ଅ ଳରେ ଆନ୍ଦୋଳନାତ୍ମକ ପରିସ୍ଥିତି ସୃଷ୍ଟି ହେଲାଣି । ଯୋଡା ମାଇନିଂ ଏରିଆ ଟ୍ରକ ମାଲିକ ସଂଘ (ମାଟୋଆ)ର ଧାରଣା ୭ମ ଦିନରେ ପହ ୍ଥିବା ବେଳେ ରବିବାର ଦିନ ଠାରୁ ଜୁରୁଡି ଟ୍ରକ ଆସୋସିଏସନ (ଜେଟିଏ) ଧାରଣା ଦେଇଥିବା ଜଣାଯାଇଛି । ପ୍ରେସ ବିବୃ ି ମାଧ୍ୟମରେ ଜେଟିଏ ପକ୍ଷରୁ କୁହାଯାଇଛି ଯେ କାସଭି ଇ ରନେସନାଲ ଜୋରିବାହାଲ ଲୌହଖଣି ସ୍ଥାନୀୟ ଟ୍ରକକୁ କାମନଦେବା ଓ ପରିବହନର ମୂଲ୍ୟ ମନଇଚ୍ଛା ଦେବାରୁ ଏହାର ପ୍ରତିବାଦ କରି ଜୁରୁଡି ଟ୍ରକ ଆସୋସିଏସନ ଜରିବାହାଲ ଠାରେ ଧାରଣା ଦେଇଛି । ଏସମ୍ପର୍କରେ କାସଭି ଖଣିକୁ ଚିଠି ଦେଇ ଦାବି ସମ୍ପର୍କରେ ଜଣାଇଦେଇଛି । ଜୁରୁଡି ଟ୍ରକ ଆସୋସିଏସନର ସମ୍ପାଦକ ମହେନ୍ଦ୍ର ମହାନ୍ତି ଓ ବରିଷ୍ଠ ସଦସ୍ୟ ପ୍ରଭୁରଞ୍ଜନ ଶତପଥି କହିଛନ୍ତି ଯେ ମନମୁଖୀ କାର୍ଯ୍ୟକୁ ବନ୍ଦ ନକଲା ପର୍ଯ୍ୟନ୍ତ ଏବଂ ବାହାର ଅ ଳର ଗାଡିର ପରିବହନକୁ ବନ୍ଦ ନକଲା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ସୂଚନା ଦେଇଛନ୍ତି । ଯୋଡା, ଜୁରୁଡି ଏବଂ ଏହାର ଆଖପାଖ ଅ ଳରେ ଥିବା ହଜାର ହଜାର ଟ୍ରକ ମାଲିକ ଖଣି କମ୍ପାନୀର ଏହି ମନମୁଖୀ କାର୍ଯ୍ୟ ପାଇଁ ଋଣଗ୍ରସ୍ତ ହୋଇ କ୍ଷତି ସହୁଛନ୍ତି ବୋଲି ସମ୍ପାଦକ ମହାନ୍ତି ପ୍ରକାଶ କରିଛନ୍ତି । ତେଣେ ପ୍ରଶାସନର ୨ଗୋଟି ସମସାମହୀକ ଧାରଣା ମୁଣ୍ଡବଥାର କାରଣ ପାଲଟିଛି । କିଛି ଟ୍ରକ ମାଲିକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଗ୍ରେଡ ହେରଫେର କରି ଖଣିଜ ପରିବହନ ହେବାର ସମ୍ଭାବନା ଥିବାରୁ ସ୍ଥାନୀୟ ଟ୍ରକ ଗୁଡିକୁ ଖଣି କ ୍ପକ୍ଷ ନିୟୋଜିତ କରୁନାହିଁ । ଏନେଇ କାସଭି ଖଣିର ବରିଷ୍ଠ ଅଧିକାରୀ ଖଣିରେ କୌଣସି ଅନିୟମିତତା ନଥିବା କଥା କହି ପ୍ରକାଶ କରିଛନ୍ତି ଯେ ଦିନେ ଦୁଇଦିନ ମ୍ଭରେ ଦୁଇଟି ସଂଘ ସହ ଆଲୋଚନା କରାଯାଇ ଏହାର ସମାଧାନ କରାଯିବ । ସ୍ଥାନୀୟ ଟ୍ରକ ମାଲିକଙ୍କୁ ଉପେକ୍ଷା କରାନଯାଇ ସେମାନଙ୍କ ସମସ୍ତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଷ୍ପ ି ନିଆଯିବ ।

## ଜଗନ୍ନାଥ ମନ୍ଦିର ଦାନ ହୁଣ୍ଡି ତାଡି ଲୁଟ

ଯୋଡ଼ା (ପିଏନ)- କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ଟାଉନସିପ ସ୍ଥିତ , ଶ୍ରୀ ଜଗନ୍ନାଥ ମନ୍ଦିର ହୁଣ୍ଡି ତାଡି ଲୁଟ ହୋଇଥିବା ଅଭିଯୋଗ ହୋଇଛି । ସୂଚନାରୁ ପ୍ରକାଶ ଗତକାଲି ଶନିବାର ସଂନ୍ଧ୍ୟାରେ ମନ୍ଦିର ପୂଜା କର୍ମ ସାରି ମନ୍ଦିର ଗ୍ରୀଲ କବାଟ ତାଲା ମାରି ଯାଇଥିଲେ । ତେବେ ଆଜି ରବିବାର ଭୋର ସମୟରେ ମଂଗଳ ଆଳତୀ ନୀତି କରିବାକୁ ଆସି ପୂଜକ ମନ୍ଦିର ଖୋଲିବା ସମୟରେ ମନ୍ଦିରରେ ଥିବା ଛୋଟ ଗେଟ ତାଲା ଭାଙ୍ଗି ଦୃବୃ ୍ଭିତରେ ପଶିବା ପରେ ଦାନ ହୁଣ୍ଡିରେ ଲାଗିଥିବା ତାଲାକୁ ତାଡି ଲୁଟ କରି ଫେରାର ହୋଇଥିବା ଜାଣିବାକୁ ପାଇଥିଲେ । ତେବେ କିଛି ଖୁଚୁରେ ଟଙ୍କା ପଇସାକୁ ହୁଣ୍ଡିରେ ଛାଡି ଦେଇଥିବା ଦେଖିବାକୁ ମିଳିଥିଲା । ଏନେଇ ପୂଜକ ପକ୍ଷରୁ ମନ୍ଦିର ପରିଚାଳନା କମିଟିକୁ ସୂଚନା ଦେଇଥିଲେ । କୋଭିଡ କଟକଣା ଯୋଗୁଁ ମନ୍ଦିରେ ଭକ୍ତଙ୍କ ସମାଗମ ନଥିବା କାରଣରୁ ଦାନ ହୁଣ୍ଡିରୁ ପାଖାପାଖି ୮ରୁ ୧୦ ହଜାର ଟଙ୍କା ଲୁଟ ହୋଇଥିବା ମନ୍ଦିର କମିଟି ପରିଚାଳନା ବିଦ୍ୟାଧର ସାହୁ ସୂଚନା ଦେଇଛନ୍ତି । ତେବେ ଯୋଡା ଅ ଳରେ ଚୋର ଓ ଲୁଟେରା ମାନଙ୍କର ପ୍ରାର୍ଦୁଭାବ ବୃଦ୍ଧି ପାଉଥିବା ବେଳେ ଜଗନ୍ନାଥ ମନ୍ଦିର ହୁଣ୍ଡି ତାଡି ଲୁଟ୍ ଘଟଣା, ଭକ୍ତଙ୍କ ମଧ୍ୟରେ ତଥା ଜନସାଧାରଣରେ ତୀବ୍ର ଅସନ୍ତୋଷ ପକାଶ ପାଇଛି ।



## ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଗତ ୭୫ ଦିନରେ ନିବେଶକଙ୍କ ୩୨୨୬ କୋଟି ଟଙ୍କା ପଇଠ

ଭୁବନେଶ୍ୱର: ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଆଜି ମିଡିଆରେ ଜାରି କରାଯାଇଥିବା ଏକ ବିବୃତି ଅନୁସାରେ, ଗତ ଦୁଇରୁ ଅଢେଇ ମାସ ମଧ୍ୟରେ ଏହି ଗ୍ରୁପ୍ ପକ୍ଷରୁ ଏହାର ୧୦,୧୭,୧୯୪ ଜଣ ସଦସ୍ୟଙ୍କୁ ମୋଟ ୩୨୨୬.୦୩ କୋଟି ଟଙ୍କା ପଇଠ କରାଯାଇଛି । ଏହି ଅବଧିରେ ପଇଠ କରାଯାଇଥିବା ମୋଟ ରାଶି ମଧ୍ୟରୁ ୨.୧୮% ରାଶି ବିଳମ୍ବିତ ଦେୟ ଅଭିଯୋଗକାରୀଙ୍କୁ ପଇଠ କରାଯାଇଥିଲା । ସମୁଦାୟ ବିଳମ୍ବିତ-ଦେୟ ଅଭିଯୋଗକାରୀ ବା ଡିଲେଡ୍-ପେମେଂଟ୍ସ କମ୍ପ୍ଲେନାଂଟ୍ସ ସଂଖ୍ୟା ମୋଟ ନିବେଶକଙ୍କର ୦.୦୭% ରହିଛି । ସାହାରା ନିକଟରେ ଦେଶବ୍ୟାପର ୮ କୋଟି ନିବେଶକ ରହିଛନ୍ତି । ସାହାରା ଗତ ୧୦ ବର୍ଷ ମଧ୍ୟରେ ଏହାର ୫,୭୬,୭୭,୩୩୯ ଜଣ ନିବେଶକଙ୍କୁ ମୋଟ ୧,୪୦,୧୫୭.୫୧ କୋଟି ଟଙ୍କା ପଇଠ କରିଛି । ଏହାମଧ୍ୟରୁ କେବଳ ୪୦% ମାମଲା ପୁନଃନିବେଶର ହୋଇଥିବା ବେଳେ ଅବଶିଷ୍ଟଗୁଡିକୁ ନଗଦ ଅର୍ଥ ପଇଠ କରାଯାଇଛି । ଗ୍ରୁପ୍ ପକ୍ଷରୁ ପେମେଂଟ୍‌ରେ ବିଳମ୍ବ ହୋଇଥିବା ସ୍ୱୀକାର କରାଯାଇଛି , ଯାହାକି ମୁଖ୍ୟତଃ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗତ ୮ ବର୍ଷ ହେବ ଲାଗୁ କରାଯାଇଥିବା ପ୍ରତିବନ୍ଧକ ଯୋଗୁଁ ଘଟିଥିଲା । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଯଦି କୌଣସି ଅର୍ଥ ଗ୍ରୁପ୍ (କୋ-ଅପରେଟିଭ୍‌ଗୁଡିକ ସମେତ)ର ସମ୍ପତିକୁ ବିକ୍ରି କରି କିମ୍ବା ବନ୍ଧକ ରଖି କିମ୍ବା ମିଳିତ ଉଦ୍ୟୋଗରୁ ହାସଲ କରାଯାଉଛି ତେବେ ତାହାକୁ ସାହାରା-ସେବି ଆକାଉଂଟ୍‌ରେ ଜମା କରିବାକୁ ପଡୁଛି । ସାହାରା ଅଧିକାରୀ କହିଛନ୍ତି, ସାଂଗଠନିକ କାର୍ଯ୍ୟ ପାଇଁ କିମ୍ବା ନିବେଶକଙ୍କୁ ରିପେମେଂଟ୍ ପାଇଁ ଆମେ ଗୋଟିଏ ଟଙ୍କା ମଧ ବ୍ୟବହାର କରିପାରିବୁ ନାହିଁ । ଅନ୍ୟପକ୍ଷରେ ସାହାରା ବର୍ତମାନ ସୁଦ୍ଧା ସାହାରା-ସେବି ଖାତାରେ ସୁଧ ସମେତ ପ୍ରାୟ ୨୨,୦୦୦ କୋଟି ଟଙ୍କା ଜମା କରିସାରିଛି । ଅନ୍ୟପକ୍ଷରେ ଦେଶବ୍ୟାପୀ ଗତ ୮ ବର୍ଷ ମଧ୍ୟରେ ସେବି ଦ୍ୱାରା ୧୫୪ଟି ଖବରକାଗଜରେ ୪ଟି ପର୍ଯ୍ୟାୟର ବିଜ୍ଞାପନ ଦେଇଥିବା ବେଳେ ନିବେଶକଙ୍କୁ ମାତ୍ର ୧୦୬.୧୦ କୋଟି ଟଙ୍କା ପରିଶୋଧ କରିଛି । ପ୍ରାୟ ଏକ ବର୍ଷ ତଳେ ପ୍ରକାଶିତ ଏହାର ଶେଷ ବିଜ୍ଞାପନରେ ସେବି ସ୍ପଷ୍ଟ କରିଥିଲା ଯେ, ଏହା ଅନ୍ୟ କୌଣସି ପ୍ରକାରର ଦାବିକୁ ଗ୍ରହଣ କରିବ ନାହିଁ । ଏହାର ଅର୍ଥ ହେଉଛି ସେବି ପାଇଁ ଆଉ କୌଣସି ଦାବିଦାର ଦାହାନ୍ତି । ସେବି ଅନ୍ୟ କୌଣସି ଦାବି ଗ୍ରହଣ ନକରିବାର ଏକମାତ୍ର କାରଣ ହେଉଛି ସାହାରା ଗ୍ରୁପ୍ ସମସ୍ତ ନିବେଶକଙ୍କ ଅର୍ଥ ପରିଶୋଧ କରିସାରିଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଏହି ୨୨,୦୦୦ କୋଟି ଟଙ୍କା ଉପଯୁକ୍ତ ଯାଂଚ ପରେ ପୁଣିଥରେ ସାହାରା ନିକଟକୁ ଫେରିବ । ସେହିପରି ସାହାରାର ପ୍ରବକ୍ତା ସ୍ପଷ୍ଟ କରିଛନ୍ତି ଯେ, କିଛି ମିଡିଆ ରିପୋର୍ଟ ସାହାରା ଚିଟ୍ ଫଣ୍ଡ ବ୍ୟବସାୟରେ ଅଛି ବୋଲି ଧାରଣା ସୃଷ୍ଟି କରୁଛନ୍ତି , ଯାହାକି ସମ୍ପୂର୍ଣ୍ଣ ରୂପେ ମିଥ୍ୟା ଓ ଭ୍ରମାତ୍ମକ ସୂଚନା । ସାହାରା ଅତୀତରେ କିମ୍ବା ବର୍ତମାନ କୌଣସି ପ୍ରକାରର ଚିଟ୍ ଫଣ୍ଡ ବ୍ୟବସାୟରେ ନାହିଁ । ସାହାରା ଇଣ୍ଡିଆ ପରିବାରର ସୂଚନା ଅନୁଯାୟୀ, ଗ୍ରୁପ୍ ଏହାର ସମସ୍ତ ଜମାକାରୀଙ୍କୁ ଦେୟ ପ୍ରଦାନ କରିଛି । ଗତ ୪୨ ବର୍ଷ ହେବ ଏହା ନିଜର ସଦସ୍ୟମାନଙ୍କୁ ସେବା ପ୍ରଦାନ କରୁଛି ଏବଂ ଆଗକୁ ଏହା ଜାରି ରଖିବ । ସମସ୍ତ ଆଇନ୍‌ଗତ ପ୍ରକ୍ରିୟାର ଅନୁସରଣ କରାଯାଇ ସଦସ୍ୟମାନଙ୍କଠାରୁ ଅର୍ଥ ସଂଗ୍ରହ କରାଯାଇଥିଲା । ତେବେ ଆମେ ବିଳମ୍ବିତ ଅବଧି ପାଇଁ ସୁଧ ମଧ ପ୍ରଦାନ କରୁଛି । ଏସମ୍ପର୍କରେ ଆମର ନିବେଶକମାନଙ୍କୁ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଅବଗତ କରାଯାଇଛି ।

## ପଟ୍ଟାମୁଣ୍ଡାଇ ଡିଗ୍ରୀ ମହିଳା ମହାବିଦ୍ୟାଳୟର ଦୁର୍ନୀତି: ବେଆଇନ ନିଯୁକ୍ତି ଅଭିଯୋଗର ତଦନ୍ତ ଆରମ୍ଭ କଲେ ଲୋକାୟୁକ୍ତ ନିର୍ଦ୍ଦେଶାଳୟର ୨ଜଣିଆ ଟିମ

କେନ୍ଦ୍ରାପଡା, (ପିଏନ)- ବହୁ ଚର୍ଚ୍ଚିତ ପଟ୍ଟାମୁଣ୍ଡାଇ ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ବେଆଇନ ନିଯୁକ୍ତି ଓ ଆର୍ଥିକ ଦୁର୍ନିତୀ ଅଭିଯୋଗର ତଦନ୍ତ କରିବାକୁ ସୋମବାର ମହାବିଦ୍ୟାଳୟରେ ପହଁଚି ତଦନ୍ତ ଆରମ୍ଭ କରିଛନ୍ତି ଓଡିଶା ଲୋକାୟୁକ୍ତ ନିର୍ଦ୍ଦେଶାଳୟର ଏକ ୨ଜଣିଆ ଟିମ । ମହାବିଦ୍ୟାଳୟରେ ବେଆଇନ ଭାବରେ ଆବଶ୍ୟକତା ଠାରୁ ଅଧିକ ସଂଖ୍ୟକ ଷ୍ଟାଫଙ୍କୁ ନିଯୁକ୍ତି ପ୍ରଦାନ ଓ ସେମାନଙ୍କ ମଧ୍ୟରୁ କେତେକ ଷ୍ଟାଫଙ୍କ ନିଯୁକ୍ତି ତାରିଖକୁ ବାରମ୍ବାର ବଦଳା ଯିବା ଏବଂ ଆର୍ଥିକ ଅନିୟମିତତା ଓ କଲେଜ କିମିକିଣା ଦୁର୍ନୀତି ଅଭିଯୋଗର ତଦନ୍ତ କରିବାକୁ ଓଡିଶା ଲୋକାୟୁକ୍ତଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ ଓ ଅନ୍ୟ ଜଣେ ଅଧିକାରୀ ପଟ୍ଟାମୁଣ୍ଡାଇ ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ପହଁଚି ତଦନ୍ତ ଆରମ୍ଭ କରିଥିବା ପଟ୍ଟାମୁଣ୍ଡାଇ +୨ କନିଷ୍ଠ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ନାୟକ ସୂଚନା ଦେଇଛନ୍ତି । ଅଭିଯୋଗକାରୀ ପ୍ରତାପ ମହାନ୍ତି ଓ ରାଧାକାନ୍ତ ମହାନ୍ତି ଓଡିଶା ଲୋକାୟୁକ୍ତଙ୍କ ନିକଟରେ କରିଥିବା ଅଭିଯୋଗ ଅନୁଯାଇ ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟର ତତକାଳିନ ଅଧ୍ୟକ୍ଷ ବିପିନ ବିହାରୀ ବାରିକ କେତେକ ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀମାନଙ୍କୁ ବେଆଇନ ନିଯୁକ୍ତି ପ୍ରଦାନ କରିବା ସହ ସେମାନଙ୍କ ନିଯୁକ୍ତି ତାରିଖକୁ ବାରମ୍ବାର



ବଦଳାଯାଇଥିବା, କେତେକଙ୍କ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ନଥାଇ ସେମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବା, କେତେକଙ୍କୁ ୨ରୁ ୪ଥର ପର୍ଯ୍ୟନ୍ତ ନିଯୁକ୍ତି ପ୍ରଦାନ କରାଯାଇଥିବା, ଆବଶ୍ୟକତା ଠାରୁ ବହୁ ଅଧିକ ସଂଖ୍ୟାରେ ବିଭିନ୍ନ ପଦବୀରେ ବେଆଇନ ଭାବେ ନିଯୁକ୍ତି ପ୍ରଦାନ କରିଥିବା, ନିଯୁକ୍ତିରେ ଜାଲିଆତି କରିବା, ଆର୍ଥିକ ଅନିୟମିତତା କରିଥିବା ଓ ଶ୍ରୀ ବାରିକ ତୁଳସୀ ମହିଳା ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ କାର୍ଯ୍ୟ କରିବା ସମୟରେ ବହୁ ଅନୀୟମିତତା ଓ ଅର୍ଥ ତୋଷରପାତରେ ଜଡିତ ଥିବା ସମ୍ପର୍କରେ ୨ଅଭିଯୋଗକାରୀ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ । ଏଥିସହିତ ତୁଳସୀ ମହିଳା ମହାବିଦ୍ୟାଳୟରୁ ବଦଳି ହୋଇ ପଟ୍ଟାମୁଣ୍ଡାଇ ମହିଳା କଲେଜକୁ ଯିବା ପରେ ତାଙ୍କର ସର୍ଭିସବୁକ ତୁଳସୀ ମହିଳା କଲେଜରୁ ପଟ୍ଟାମୁଣ୍ଡାଇ ମହିଳା କଲେଜକୁ ପଠାଯାଇନଥିଲେ ମଧ୍ୟ ନିଜ ସର୍ଭିସବୁକକୁ ଜାଲିଆତି କରି ବିଭିନ୍ନ ସମୟରେ ଇନକ୍ରୀମେଂଟ ପ୍ରଭୃତି ସରକାରୀ ଅର୍ଥ ତୋଷରପାତ କରିଥିବା ମଧ୍ୟ ଅଭିଯୋଗ ହୋଇଛି । ଅଭିଯୋଗ ଗୁଡିକର ତଦନ୍ତ ପୂର୍ବକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗକାରୀ ଦ୍ୱୟ ଲୋକାୟୁକ୍ତଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ସେହି ଅଭିଯୋଗ ଅନୁଯାଇ ଲୋକାୟୁକ୍ତଙ୍କ କାଯ୍ୟାଳୟରୁ ଆଜି ଏକ ୨ଜଣିଆ ଟିମ କଲେଜରେ ପହଁଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି । ଲୋକାୟୁକ୍ତଙ୍କ ନୋଟିସ ଅନୁଯାଇ ଉଭୟ ଅଭିଯୋଗକାରୀ ତଦନ୍ତ ସମୟରେ କଲେଜରେ ଉପସ୍ଥିତ ଥିଲେ ।

## ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ ଶୁଭାରମ୍ଭ କଲା 'ଟୋଟାଲ ହେଲ୍‌ଥ ସ୍କୋର'

ଭୁବନେଶ୍ୱର, (ପିଏନ): ଭାରତରେ ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟା ଅଧିକ ପରିଲକ୍ଷିତ ହେଉଥିବା, ବିଶେଷକରି ସାମ୍ପ୍ରତିକ ମହାମାରୀ ସମୟରେ ଏହା ଅଧିକ ଉତ୍କଟରୂପ ଧାରଣ କରିଥିବା ବିଷୟକୁ ଦୃଷ୍ଟିରେ ରଖି ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ (ଏଫ୍‌ଜିଆଇଆଇ) ଏକ ଅନ୍‌ଲାଇନ ମାନସିକ ସ୍ୱାସ୍ଥ୍ୟ ଆକଳନ ପରୀକ୍ଷା – ଟୋଟାଲ ହେଲ୍‌ଥ ସ୍କୋର ଶୁଭାରମ୍ଭ କରିଛି । ଏହି ଅନନ୍ୟ ସ୍ୱ-ଆକଳନ ବ୍ୟବସ୍ଥା ଜଣେ ବ୍ୟକ୍ତିବିଶେଷଙ୍କୁ ତାଙ୍କର ମାନସିକ ସୁସ୍ଥତା ଆକଳନ କରିବାକୁ ସମର୍ଥ କରାଇବ । ଏଫ୍‌ଜିଆଇଆଇ ପ୍ରତ୍ୟେକଙ୍କୁ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟଗତ ବିଷୟକୁ ଗୁରୁତ୍ୱର ସହିତ ବିବେଚନା କରିବାକୁ ପ୍ରୋତ୍ସାହିତ କରୁଛି ଏବଂ ଜଣଙ୍କର ଶାରୀରିକ ସ୍ୱାସ୍ଥ୍ୟଭଳି ଭିତରେ ସୁସ୍ଥ ରହିବାକୁ ହେଲେ ମାନସିକ ସ୍ୱାସ୍ଥ୍ୟ ଠିକ୍ ରଖିବା ଉପରେ ଗୁରୁତ୍ୱ ଦେଉଛି । ଟୋଟାଲ ହେଲ୍‌ଥ ସ୍କୋର ଏକ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ

ଆକଳନ ଯାହା ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟାର ଆଦ୍ୟ ଉପସର୍ଗଗୁଡିକୁ ବୁଝିପାରୁଥିବା କାର୍ଯ୍ୟରତ ଚିକିତ୍ସକ ଏବଂ ପରାମର୍ଶଦାତାମାନଙ୍କ ଦ୍ୱାରା ଡିଜାଇନ କରାଯାଇଛି । ଜଣେ ବ୍ୟକ୍ତିବିଶେଷ ଏହି ବ୍ୟବସ୍ଥାରେ ନିଜର ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଆକଳନ କରିବାପରେ ତାଙ୍କୁ ଏକ ସ୍କୋର ପ୍ରଦାନ କରାଯିବ ଯାହା ତାଙ୍କର ସାମ୍ପ୍ରତିକ ମାନସିକ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଅବଗତ କରାଇବ । ଏଥିସହିତ ସେ ମାନସିକ ଚାପ, ଉତ୍କଣ୍ଠା, ଅବସାଦ ଏବଂ ଅନ୍ୟ ତତ୍‌ସମ୍ପର୍କିତ ସମସ୍ୟା ଭଳି ମାନସିକ ସ୍ୱାସ୍ଥ୍ୟ ସହିତ ସଂଯୁକ୍ତ ସମସ୍ୟାଗୁଡିକୁ ବୁଝିବା ଏବଂ ସେଗୁଡିକୁ ପରିଚାଳନା କରିବା ସକାଶେ ନିଜର ଯତ୍ନନେବା ପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁର ସୁଯୋଗ ନେଇପାରିବେ । ଏହି ସ୍ୱ-ଯତ୍ନ ବିଷୟବସ୍ତୁ ମାନସିକ ସ୍ୱାସ୍ଥ୍ୟ ବିଶାରଦମାନଙ୍କ ଦ୍ୱାରା ବିଶେଷଭାବେ ଫ୍ୟୁଚର ଜେନେରାଲି ପାଇଁ ବିକଶିତ କରାଯାଇଛି । ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ଅନୁପ ରାଉ କହିଛନ୍ତି, 'ଆମ ଗ୍ରାହକଙ୍କ ସହିତ ଆଜୀବନ ଭାଗିଦାର ହେବା ଏବଂ ମାନବୀୟ ସ୍ପର୍ଶ ସହ ବିଶେଷ ଜ୍ଞାନ ପ୍ରଦର୍ଶନ କରିବା ହେଉଛି ଆମର ଲକ୍ଷ୍ୟ । ଭାରତର ସାଂସ୍କୃତିକ ବିଧିବ୍ୟବସ୍ଥା ଏବଂ ପ୍ରତିବନ୍ଧକଗୁଡିକୁ ବାସ୍ତବିକତାର ସହିତ ବୁଝିବା ଏବଂ କେତେକ ଜଟିଳ କଥୋପକଥନକୁ ସମର୍ଥ କରାଇପାରିଲେ ଆମେ ଏହି ଲକ୍ଷ୍ୟ ହାସଲ କରିପାରିବୁ । ଆମେ ସମସ୍ତେ ଜାଣୁ ଯେ ମାନସିକ ସ୍ୱାସ୍ଥ୍ୟକୁ ଏକ ଅନାବଶ୍ୟକ ବିଷୟ ଭାବରେ ବିବେଚନା କରାଯାଏ । ଏକ ବ୍ରାଣ୍ଡ୍ ଭାବରେ ମାନସିକ ସୁସ୍ଥତା ଏବଂ ଏଥିପ୍ରତି ଜନସାଧାରଣଙ୍କ ଆଭିମୁଖ୍ୟକୁ ନେଇ ଏକ ସୁସ୍ଥ ଆଲୋଚନା ଆଗେଇନେବାକୁ ଆମେ ଚାହୁଁ । ମାନସିକତାରେ ପରିବର୍ତ୍ତନର ଆରମ୍ଭ ବିନ୍ଦୁ ହେଉଛି ଶାରୀରିକ ସ୍ୱାସ୍ଥ୍ୟ ଭଳି ମାନସିକ ସ୍ୱାସ୍ଥ୍ୟ ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ ବୋଲି ଲୋକଙ୍କୁ ବୁଝାଇବା ଏବଂ ଏହା ପରିମାପ କରିବାକୁ ସେମାନଙ୍କୁ ପର୍ଯ୍ୟାପ୍ତ ଉପାୟ ଯୋଗାଇଦେବା । ଏଣୁ ଆମେ ଟୋଟାଲ ହେଲ୍‌ଥ ସ୍କୋର ସୃଷ୍ଟି କରିଛୁ, ଯାହା ଏକ ସରଳ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ ସ୍କୋର ବ୍ୟବସ୍ଥା ।







# ଆଇଜିଏଚ୍ ସୁପର ସ୍ପେସିଆଲିଟି ହସ୍‌ପିଟାଲର ଘରୋଇକରଣ ନିଷ୍ପତ୍ତିକୁ କଂଗ୍ରେସର ବିରୋଧ

ରାଉରକେଲା (ପିଏନ୍): ରାଉରକେଲା ଆଇଜିଏଚ୍ ସୁପର ସ୍ପେସିଆଲିଟି ହସ୍‌ପିଟାଲର ଘରୋଇକରଣ ନିଷ୍ପତ୍ତିକୁ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ତୀବ୍ର ବିରୋଧ କରାଯାଇଛି । ଏହି ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ଆଗାମୀ ଦିନରେ ବ୍ୟାପକ ଜନଆନ୍ଦୋଳନ ସୃଷ୍ଟି କରାଯିବ ବୋଲି କଂଗ୍ରେସ ତରଫରୁ ଚେତାବନୀ ଦିଆଯାଇଛି । ଗତ ତାରିଖରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ସେଲ୍ କର୍ତ୍ତୃପକ୍ଷଙ୍କ ଏହି ଘରୋଇକରଣ ନିଷ୍ପତ୍ତି ବିରୋଧରେ ଏକ ପ୍ରତିବାଦ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ସେକ୍ଟର-୧୯ ଆମ୍ବାଗାନ ଛକଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା କଂଗ୍ରେସର ଭାରପ୍ରାପ୍ତ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରତିବାଦ ବିକ୍ଷୋଭ କାର୍ଯ୍ୟକ୍ରମକୁ ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ପରିଚାଳନା କରିଥିଲେ । ଏହି ଅବସରରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ଉପସଭାପତି ସନ୍ତୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଏଆଇସିସି ସହଯୋଗୀ ସଦସ୍ୟ ରାଜକୁମାର ଯାଦବ, ପିସିସିର ପୂର୍ବତନ ସମ୍ପାଦକ ରଶ୍ମିରଂଜନ ପାଢୀ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାର ସିଂହ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସରୋଜ ଲେଙ୍କା, ବରିଷ୍ଠ ନେତା ଇନ୍ଦ୍ରମୋହନ ପଣ୍ଡା, କାର୍ଯ୍ୟନିର୍ବାହୀ ସଦସ୍ୟ ସାହିର ହୁସେନ ଓ ଭାସ୍କର ଖିଲ୍ଲାର, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ରର ବିଜେପି ସରକାର ଆଇଜିଏଚ୍ ମେଡିକାଲ କଲେଜ ଓ ସୁପର ସ୍ପେସିଆଲିଟି ହସ୍‌ପିଟାଲ ପାଇଁ ଘୋଷଣା କରି କେବଳ ସୁପଲ ସ୍ପେସିଆଲିଟି ହସ୍‌ପିଟାଲ କରିବା ରାଉରକେଲାବାସୀଙ୍କ ପ୍ରତି ଏକ ଶକ୍ତ ପ୍ରତାରଣା ଥିଲା ବୋଲି କହିଥିଲେ । ପରବର୍ତ୍ତୀ ସମୟରେ ପିଜି ମେଡିକାଲ କଲେଜ ଓ ସୁପର ସ୍ପେସିଆଲିଟି ହସ୍‌ପିଟାଲ ପାଇଁ ପ୍ରତିଶ୍ରୁତି ଦେଇ କେବଳ ଆଇଜିଏଚ୍ ପରିସରରେ ସୁପର ସ୍ପେସିଆଲିଟି ହସ୍‌ପିଟାଲ ପ୍ରତିଷ୍ଠା କରିଥିଲେ । ଏହି ସୁପର ସ୍ପେସିଆଲିଟି ହସ୍‌ପିଟାଲ ପ୍ରାୟ ଦେଢବର୍ଷ ପୂର୍ବରୁ ଉଦ୍‌ଘାଟିତ ହୋଇଥିଲେହେଁ ଅଦ୍ୟାବଧି ତାହା ସଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇପାରି ନାହିଁ । ପରନ୍ତୁ ଏହି ହସ୍‌ପିଟାଲକୁ ଏବେ ଘରୋଇ ସଂସ୍ଥା ହାତରେ ଟେକି ଦେବାକୁ ନିଷ୍ପତ୍ତି ନିଆଯାଇ ଆପୋଲୋ ସଂସ୍ଥାକୁ ଏଥିପାଇଁ ମନୋନୀତ କରାଯାଇଥିବାର କୁହାଯାଉଛି ଯାହାକି ରାଉରକେଲାବାସୀଙ୍କ ପାଇଁ ଆଉ ଏକ ଶକ୍ତ ପ୍ରତାରଣା ବୋଲି ନେତୃବୃନ୍ଦ ପ୍ରକାଶ କରିଥିଲେ । କାରଣ ଘରୋଇ ସଂସ୍ଥା ହାତକୁ ଏହି ହସ୍‌ପିଟାଲ ଚାଲିଗଲା ପରେ ସାଧାରଣ ବର୍ଗର ରୋଗୀମାନେ କେବଳ ଶୋଷିତ ହେବା ସାର ହେବ ବୋଲି ନେତୃବୃନ୍ଦ ଅଭିଯୋଗ କରି ସେଲ୍ କର୍ତ୍ତୃପକ୍ଷ ଏହି ନିଷ୍ପତ୍ତିରୁ ବିରତ ରହିବା ପାଇଁ ଦାବି କରିଥିଲେ । ତେବେ ସେଲ୍ କର୍ତ୍ତୃପକ୍ଷ ରାଉରକେଲା ତଥା ସୁନ୍ଦରଗଡ ଜିଲ୍ଲାବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରି ଏ ପ୍ରକାର ଜନବିରୋଧୀ ନିଷ୍ପତ୍ତି ନେଇଥିବା ବେଳେ ଶାସକ ବିଜେଡିର ରଘୁନାଥପାଲ୍ଲୀ ଓ ରାଉରକେଲା ବିଧାୟକ ନୀରବ ରହି ଏହାକୁ ସମର୍ଥନ ଦେବା ଘଟଣାକୁ ନେତୃବୃନ୍ଦ ତୀବ୍ର ନିନ୍ଦା କରିଥିଲେ । ଶାସକ ବିଜେଡିର ଦୁଇ ବିଧାୟକ ସେଲ୍ କର୍ତ୍ତୃପକ୍ଷଙ୍କ ଏହି ଘରୋଇକରଣ ନିଷ୍ପତ୍ତିକୁ ଅବିଳମ୍ବେ ବିରୋଧ କରିବା ପାଇଁ ବକ୍ତାମାନେ ଆହ୍ୱାନ ଦେବା ସହିତ ଅନ୍ୟଥା ଆଗାମୀ ଦିନରେ ରଘୁନାଥପାଲ୍ଲୀ ଓ ରାଉରକେଲାବାସୀ ଏହି ଦୁଇ ବିଧାୟକଙ୍କୁ କ୍ଷମା ଦେବେନାହିଁ ବୋଲି କହିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଉପସଭାପତି ଉମେଶ ଶରଣ, ବରିଷ୍ଠ ନେତା ପ୍ରଫୁଲ୍ଲ ପରିଜା, ସୌଭାଗ୍ୟ ସ୍ୱାଇଁ, ବନମାଳୀ ସାହୁ, ଇନ୍‌ଟକ ଅଧ୍ୟକ୍ଷ ନିହାର ଦାସ, ଓବିସି ଅଧ୍ୟକ୍ଷ ବୈଲୋଚନ ସାହୁ, ଏସ୍‌ସି ସେଲ୍ ଅଧ୍ୟକ୍ଷ ବିନୋଦ ତନ୍ତୀ, କାର୍ଯ୍ୟନିର୍ବାହୀ ସଦସ୍ୟ ଦିଲ୍ଲୀପ ଜେନା ଓ ରୁକସାନା ବେଗମ, ସମ୍ପାଦକ ଧର୍ମେନ୍ଦ୍ର ପରମାର, ରବୀନ୍ଦ୍ର ନାୟକ ଓ ସୁନୀଲ ସିଂହ, ବ୍ଲକ୍ ସଭାପତି ବିଜୟ ଆପଟ ଓ ରଘୁନାଥ ଦାସ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ସେବାଦଳର ବୁଲୁ ଦାସ, ବିଜୟ ପଟ୍ଟନାୟକ, ଝୁନୁ ପଟ୍ଟନାୟକ, ରଘୁନାଥ ପ୍ରଧାନ, ବି.ଏନ୍. ମହାନ୍ତି, ବିଜୟ ବେହେରା, ସୋମନାଥ ପଣ୍ଡା, କୁଅଁରସିଂହ ପିୟୁ, ବନମାଳୀ ବିଶୋୟୀ, ବିକାଶ ସୁନା, ରବି ସିକ୍କା, ବିଶ୍ୱଜିତ ସାହୁ, ବିଶ୍ୱରଂଜନ ରାଉତ, ରେହେମାନ ଖାନ, ଗୋବିନ୍ଦ ଶାହା, ପ୍ରବୋଧ ଜେନା, ଶୁକଦେବ ବଡାଇକ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ଓ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ଚିତ୍ରକଳା ପ୍ରଦର୍ଶନୀ "ମେଘମହ୍ଲାର" ଉଦ୍‌ଘାଟିତ



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ସଂସ୍କୃତି ଭବନ ପରିସରରେ ଓଡ଼ିଶା ଲଳିତ କଳା ଏକାଡମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ "ମେଘମହ୍ଲାର" ଶୀର୍ଷକ ଚିତ୍ରକଳା ପ୍ରଦର୍ଶନୀ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ ଉଦ୍ଘାଟିତ ହୋଇଯାଇଛି। ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ପ୍ରଦର୍ଶନୀକୁ ଉଦ୍ଘାଟନ କରଥିବା ବେଳେ ବର୍ଷଋତୁକୁ ନେଇ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶିଳ୍ପୀମାନଙ୍କ ଦ୍ୱାରା ଅଙ୍କିତ ସୁନ୍ଦର ସୁନ୍ଦର ଚିତ୍ରର ପ୍ରଶଂସା କରିଥିଲେ। ପ୍ରଦର୍ଶନୀରେ ଓଡ଼ିଶାର ୪୫ ଜଣ ଯୁବ ଓ ବରିଷ୍ଠ ଶିଳ୍ପୀଙ୍କ ଦ୍ୱାରା ଅଙ୍କିତ ଚିତ୍ରକଳା ସ୍ଥାନ ପାଇଛି। ଚିତ୍ରଗୁଡ଼ିକ ବର୍ଷଋତୁର ସୁଦୃଶ୍ୟ ଘଟଣାବଳି, ପର୍ବପର୍ବାଣି, ଗ୍ରାମ୍ୟଜୀବନ, ବର୍ଷାଋତୁରେ ସମୁଦ୍ର ବେଳାଭୂମିର ଦୃଶ୍ୟ, ବର୍ଷାକୁ ଦେଖି ମୟୂରର ନୃତ୍ୟ, ପଦ୍ମପୋଖରୀରେ ନାୟିକା, କାଶତଣ୍ଡୀ ଫୁଲର ଚିତ୍ର, ସାରୁଗଛ ମୂଳରେ ବେଙ୍ଗବେଙ୍ଗୁଲି, ହଂସ ହଂସରାଳୀ, ପକ୍ଷୀଶାବକର ସ୍ନାନ ଓ ନଦୀକୂଳ ଲଙ୍ଘିବାର ଦୃଶ୍ୟକୁ ଶିଳ୍ପୀମାନେ ନିଜର ସୃଜନଶୀଳ ଢ଼ଙ୍ଗରେ ଅଙ୍କନ କରିଥିଲେ ଯାହା ବେଶ୍ ମର୍ମସ୍ପର୍ଶୀ ହୋଇଥିଲା। ଏହି ଅବସରରେ ଏକାଡ଼ମୀର ସଚିବ ପଞ୍ଚାନନ ସାମଲ ଅତିଥିଙ୍କୁ ସ୍ୱାଗତ କରିବା ସହିତ ପ୍ରଦର୍ଶନୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରଦର୍ଶନୀ ଅବସରରେ ବାଲେଶ୍ୱର ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀଯୁକ୍ତ ଗଗନ ସାହୁ, ଚିତ୍ରଶିଳ୍ପୀ ଅରୁଣ ଜେନା, କେଶୁ ଦାସ, ନିତ୍ୟାନନ୍ଦ ସାହୁ, ପ୍ରତାପ ସିଂହ, ବିଶ୍ୱଜିତ୍ ପରମାଣିକ, ଅରୁଣ ବାରିକ ଓ ପୂର୍ଣ୍ଣେନ୍ଦୁ ପତି ପ୍ରମୁଖ ବହୁ ବରିଷ୍ଠ ଓ ଯୁବଶିଳ୍ପୀମାନେ ଉପସ୍ଥିତ ଥିଲେ। ପ୍ରଦର୍ଶନୀକୁ ଏକାଡ଼ମୀର ମରୁତ ରାଉତ ପରିଚାଳନା କରୁଥିବା ବେଳେ ଏହା ଜୁଲାଇ ୩୦ ତାରିଖ ପର୍ଯ୍ୟନ୍ତ ୧୫ ଦିନ ଧରି ଚାଲିବ ବୋଲି ସୂଚନା ଦେଇଥିଲେ।

## ତିନିଟି ଶ୍ରେଣୀକୁ ଦୁଇଜଣ ଶିକ୍ଷକ

ଭଗାମୁଣ୍ଡା (ପିଏନ୍): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଗାମୁଣ୍ଡାସ୍ଥିତ ମା' ଚାଞ୍ଚଖାଇ ଉପ୍ରା ସ୍କୁଲରେ ଶିକ୍ଷକ ଅଭାବରୁ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଏହି ସ୍କୁଲରେ ବର୍ତ୍ତମାନ ୨୦୮ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଷଷ୍ଠ ଶ୍ରେଣୀରେ ୭୬ ଜଣ, ସପ୍ତମ ଶ୍ରେଣୀରେ ୮୩ ଜଣ ଏବଂ ଅଷ୍ଟମ ଶ୍ରେଣୀରେ ୪୯ ଜଣ ଛାତ୍ରଛାତ୍ରୀ ଅଛନ୍ତି । ସରକାରଙ୍କ ନିୟମ ଅନୁଯାୟୀ ୩୫ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ଶିକ୍ଷକ ରହିବେ । ଏହି ଅନୁପାତରେ ସ୍କୁଲରେ ୬ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି । ହେଲେ ଏଠାରେ ମାତ୍ର ଦୁଇଜଣ ଶିକ୍ଷକ ଅଛନ୍ତି । ଦୁଇଜଣ ଶିକ୍ଷକ ୩ଟି ଶ୍ରେଣୀକୁ କିପରି ଶିକ୍ଷାଦାନ କରୁଥିବେ ତାହା ସହଜରେ ଅନୁମେୟ । ଏହି ସ୍କୁଲରେ ପୂର୍ବରୁ ୫ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଥିଲେ । ଦୁଇଜଣ ଶିକ୍ଷକଙ୍କୁ ଡେପୁଟେସନରେ ପଠାଯାଇଥିବା ବେଳେ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି । ଷଷ୍ଠ ଶ୍ରେଣୀରେ ଅଧିକ ଛାତ୍ରଛାତ୍ରୀ ଥିବାରୁ ସେମାନେ ଭାଗ ହୋଇ ଦୁଇଟି ଶ୍ରେଣୀଗୃହରେ ବସୁଛନ୍ତି । ଦୁଇଜଣ ଶିକ୍ଷକ ଦୁଇଟି ଶ୍ରେଣୀରେ ପାଠ ପଢାଉଥିବା ବେଳେ ବାକି ଦୁଇଟି ଶ୍ରେଣୀଗୃହରେ ପିଲା ବସି ରହୁଛନ୍ତି । ସ୍କୁଲରେ ଶିକ୍ଷକ ନିଯୁକ୍ତି ପାଇଁ ଅଭିଭାବକ ଏବଂ ଗ୍ରାମବାସୀ ବ୍ଲକ ଶିକ୍ଷା ବିଭାଗକୁ ବାରମ୍ବାର ଜଣାଇଛନ୍ତି । କିନ୍ତୁ ଶିକ୍ଷକ ନିଯୁକ୍ତି ଦିଆଯାଉନାହିଁ । ଏହି ସ୍କୁଲରେ ଜଣେ ଶିକ୍ଷକଙ୍କୁ ଏକ ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେସନ୍‌ରେ ପଠାଯାଇଛି । ଉକ୍ତ ବିଦ୍ୟାଳୟରେ ମାତ୍ର ୪୨ଜଣ ଛାତ୍ରଛାତ୍ରୀ ଥିବାବେଳେ ୩ଜଣ ଶିକ୍ଷକ ଅଛନ୍ତି । ଏହାଛଡା ବ୍ଲକର ୪/୫ଟି ପ୍ରାଥମିକ ବିଦ୍ୟାଳୟରେ ପିଲା ସଂଖ୍ୟା ତୁଳନାରେ ଅଧିକ ଶିକ୍ଷକ ଅଛନ୍ତି । ଉକ୍ତ ସ୍କୁଲର ଶିକ୍ଷକମାନଙ୍କୁ କାହିଁକି କମ୍ ଶିକ୍ଷକ ଥିବା ସ୍କୁଲରେ ନିଯୁକ୍ତି ଦିଆଯାଉନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କରୋନା କଟକଣା ହଟିବା ପରେ ସ୍କୁଲ ଖୋଲିଛି । କିନ୍ତୁ ଶିକ୍ଷକ ନଥିବାରୁ ପାଠପଢା ବାଧାପ୍ରାପ୍ତ ହେଉଛି । ମା' ଚାଞ୍ଚଖାଇ ସ୍କୁଲରେ ଅଧିକ ଦୁଇଜଣ ଶିକ୍ଷକ ନିଯୁକ୍ତି ଦେବାକୁ ଗ୍ରାମବାସୀ ଓ ଅଭିଭାବକ ଦାବି କରିଛନ୍ତି ।

# ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ସହରରେ ସଫେଇ କାମ ଠପ୍



କେନ୍ଦୁଝର (ପିଏନ୍): କେନ୍ଦୁଝରଗଡ ପୌରପାଳିକାରେ ସଫେଇ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆନ୍ଦୋଳନ ଜାରି ରହିଛି। ଏଥିନେଇ ପୌରପାଳିକା, ଠିକାସଂସ୍ଥା ଓ ସଫେଇ କର୍ମଚାରୀଙ୍କ ମଧ୍ୟରେ ହୋଇଥିବା ଆଲୋଚନା ସଫଳ ନହେବାରୁ ଆନ୍ଦୋଳନ ଜାରି ରହିଛି। ସହରରେ ସଫେଇ କାମ ବାଧାପ୍ରାପ୍ତ ହୋଇଛି। ଆନ୍ଦୋଳନ ଯୋଗୁଁ ଅନେକ ସ୍ଥାନରେ କୁଢ କୁଢ ଆବର୍ଜନା ପଡିରହିଛି। ଫଳରେ ଚାରିଆଡେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ବର୍ଷା ଦିନ ଥିବାରୁ ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଆଦି ବ୍ୟାପିବାର ଆଶଙ୍କା ରହିଛି। ପ୍ରତ୍ୟେକ ଦିନ ସହରର ରାସ୍ତାଘାଟ, ହୋଟେଲ, ଲଜ୍ ଓ ବଜାର ଅଞ୍ଚଳରୁ ପାଖାପାଖି ୧୫ ଟ୍ରିପ ଟ୍ରାକ୍ଟର ଅଳିଆ ଆବର୍ଜନା ବାହାରିଥାଏ। ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ଅଳିଆ ଆବର୍ଜନା ଉଠିପାରୁନାହିଁ। ତୁରନ୍ତ ଏହାର କୌଣସି ସମାଧାନ ନ କଲେ ଠିକାସଂସ୍ଥାର ମନୋମୁଖୀ କାମ ତଥା ପୌର ପ୍ରଶାସନର ଠିକାସଂସ୍ଥା ପ୍ରୀତି ଯୋଗୁଁ ଦୀର୍ଘ ବହୁବର୍ଷ ଧରି କାମ କରିଆସୁଥିବା ସଫେଇ କର୍ମଚାରୀଙ୍କ ସମସ୍ୟା ସୃଷ୍ଟି ହୋଇଛି। ତୁରନ୍ତ ସଫେଇ କର୍ମଚାରୀଙ୍କ ଦାବୀ ପ୍ରତି ଗୁରୁତ୍ୱ ଦେଇ ସମାଧାନ ନ କରାଗଲେ ସମସ୍ୟା ଅଧିକ ଜଟିଳ ହୋଇପଡିବ। ସୂଚନାଯୋଗ୍ୟ ଯେ, ଶତାଧିକ ସଫେଇ କର୍ମଚାରୀ ପୌରପାଳିକା ଅଫିସ ସମ୍ମୁଖରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନଙ୍କ ଦାବୀ ତୁରନ୍ତ ସମାଧାନ ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ କହିଛନ୍ତି। ଅନେକ ସଫେଇ କର୍ମଚାରୀଙ୍କୁ ବାହାର କରିଦେବାକୁ ଉଦ୍ୟମ ହେଉଥିବାରୁ ସଫେଇ କର୍ମଚାରୀମାନେ ଏକଜୁଟ ହୋଇ ପ୍ରତିବାଦ କରୁଛନ୍ତି। ଦୀର୍ଘବର୍ଷ ଧରି ସଫେଇ କାମ କରି ପରିବାର ପ୍ରତିପୋଷଣ କରି ଆସୁଥିବା ସଫେଇ କର୍ମଚାରୀମାନେ ଏବେ କାମ ହରାଇବା ଆଶଙ୍କା କରିଛନ୍ତି। ପୌରାଞ୍ଚଳରେ ବର୍ତ୍ତମାନ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଦୋକାନବଜାର ବଢୁଥିବାରୁ ସଫେଇ ପାଇଁ ଅଧିକ କର୍ମଚାରୀଙ୍କର ଆବଶ୍ୟକତା ରହିଛି। ସଫେଇ କର୍ମଚାରୀମାନେ ଜିଲ୍ଲା ଶ୍ରମ ବିଭାଗକୁ ଯାଇ ଦାବୀପତ୍ର ପ୍ରଦାନ କରିଛନ୍ତି। ତେବେ ଶ୍ରମ ଆଇନ ଅନୁଯାୟୀ ଛଟେଇ କଲେ କୌଣସି କର୍ମଚାରୀଙ୍କୁ ସେମାନଙ୍କର ସମସ୍ତ ପ୍ରାପ୍ୟ ପଇଠ ହୋଇଛି କି ନାହିଁ ସେମାନଙ୍କ କ୍ଷେତ୍ରରେ ସର୍ବନିମ୍ନ ମଜୁରୀ, ପିଏଫ୍ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଶ୍ରମ ବିଭାଗ ଗ୍ରହଣ କରିବାକୁ ଦାବୀ ହୋଇଛି। ଏ ସଂପର୍କରେ ଜିଲ୍ଲା ଶ୍ରମ ଅଧିକାରୀ ସୂର୍ଯ୍ୟନାରାୟଣ ମାଳୀଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପାଇଁ ଅତିରିକ୍ତ ଶ୍ରମ ଅଧିକାରୀ ଭରତ ଚନ୍ଦ୍ର ଦାସଙ୍କୁ ଦାୟିତ୍ୱ ଦିଆଯାଇଛି। ତଦନ୍ତ ରିପୋର୍ଟ ମିଳିବା ପରେ ପଦକ୍ଷେପ ନିଆଯିବ।



## ବଜାରରେ ନକଲି ଡିଟରଜେଣ୍ଟ ନେଇ ଜନଅସନ୍ତୋଷ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସହରର ବିଭିନ୍ନ ସ୍ଥାନରେ ବିକ୍ରି ହେଉଛି ନକଲି ଡିଟରଜେଣ୍ଟପାଉଡର। ଏହାକୁ ନେଇ ଗ୍ରାହକମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି ହୋଇଛି। କେନ୍ଦ୍ରାପଡ଼ା ବ୍ଲକ ନିକଟରେ ଖଗେଶ୍ୱର ବେହେରା ନାମକ ଜନୈକ ବ୍ୟକ୍ତି ବ୍ଲକ ଛକରେ ଥିବା ଏକ ଦୋକାନରୁ ଏକ ନାମୀ କମ୍ପାନୀର ଡିଟରଜେଣ୍ଟ ପାଉଡର ପ୍ୟାକେଟ କିଣିଥିଲେ। ଏଥିରେ ବାସନ ସଫା କରିବା ବେଳେ ଜାଣିବାକୁ ପାଇଲେ ଯେ ଏହା ନକଲି ବ୍ରାଣ୍ଡର। ଅସଲି ବ୍ରାଣ୍ଡକୁ ନକଲ କରି ସେଥିରେ ନକଲି ଡିଟରଜେଣ୍ଟ ପୂରାଇ ବିକ୍ରି କରାଯାଉଛି। ଏ ନେଇ ସେ ସଂପୃକ୍ତ ଦୋକାନୀଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ଦୋକାନୀ ଜଣକ କହିଥିଲେ ସେ ଏହାକୁ ଅମ୍ବର ମାର୍କେଟ୍‌ରେ ଥିବା ଏକ ହୋଲସେଲ ଦୋକାନରୁ କିଣିକି ଆଣି ଖୁଚୁରାରେ ବିକ୍ରି କରୁଛନ୍ତି। ତେଣୁ ତାଙ୍କର ଏଥିରେ କିଛି ଦୋଷ ନାହିଁ। ଏହାପରେ ବ୍ୟବସାୟୀ ଜଣକ ଯୋଗାଣ ବିଭାଗକୁ ଫୋନ କରି ଏହି ନକଲି ଜିନିଷ ସମ୍ପର୍କରେ ଯାଞ୍ଚ କରିବାକୁ ନିବେଦନ କରିଥିଲେ। କିନ୍ତୁ ଯୋଗାଣ ବିଭାଗ କହିଲା ଏହା ଆମ ବିଭାଗ ପରିସରଭୁକ୍ତ ନୁହେଁ। ଆମେ ଏହାର ଯାଞ୍ଚ କରିପାରିବୁ ନାହିଁ। ଯଦି ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀର ନକଲ କରାଯାଇଥା'ନ୍ତା ତାହାହେଲେ ଆମେ ଚଢାଉ କରିଥାନ୍ତୁ। ଏହ ପୋଲିସର ଦାୟିତ୍ୱ। ପୋଲିସ ଏହି ଘଟଣାର ତଦନ୍ତ କରିପାରିବ। ଏହାପରେ ବ୍ୟକ୍ତି ଜଣକ ଟାଉନ୍ ଥାନା ପୋଲିସକୁ ଜଣାଇଥିଲେ। ହେଲେ ଟାଉନ୍ ଥାନା ପୋଲିସ କହିଥିଲା ଆମେ କିପରି କହିବୁ ଏହା ଅସଲି କି ନକଲି। ଏ ନେଇ ଆମକୁ ଡିଟରଜେଣ୍ଟ ଏକ୍ସପର୍ଟଙ୍କୁ ଡାକିବାକୁ ପଡିବ। ଯାହା ସ୍ଥଳବିଶେଷରେ ସମ୍ଭବ ନୁହେଁ। ଉଭୟ ବିଭାଗରୁ ନିରାଶ ହେବା ପରେ ବ୍ୟକ୍ତି ଜଣକ ଗଣମାଧ୍ୟମକୁ ଘଟଣା ସମ୍ପର୍କରେ ଜଣାଇଥିଲେ। କେନ୍ଦ୍ରାପଡ଼ାରେ ଅନେକ ନକଲି ଜିନିଷ ବିକ୍ରି କରାଯାଉଛି। ହେଲେ ଏହାକୁ ଯାଞ୍ଚ କରାଯାଉ ନ ଥିବାରୁ ଗ୍ରାହକମାନେ ଠକାମୀର ଶିକାର ହେଉଛନ୍ତି। କଟକରେ ଯେଉଁ ଚଢାଉ ହେଉଥିଲା ସେ ସମୟରେ ଏକ୍ସପର୍ଟମାନେ ଉପସ୍ଥିତ ରହି ତାହାକୁ ନକଲି ବୋଲି ପ୍ରମାଣିତ କରୁଥିଲେ। ତେଣୁ ସେଠାରେ ନକଲି ସାମଗ୍ରୀ ଜବତ କରିବା ସମ୍ଭବ ହୋଇଥିଲା। କିନ୍ତୁ ଏଠାରେ ତାହା ଟିକେ କଠିନ କାର୍ଯ୍ୟ ହେବ। କାରଣ ସଂପୃକ୍ତ କମ୍ପାନୀ ଏକ୍ସପର୍ଟଙ୍କୁ ପଠାଇବାରେ ହେଳା କରିପାରେ। ତଥାପି ଆମେ ଏ ନେଇ ଚିନ୍ତା କରୁଛୁ। ଖୁବ୍‌ଶୀଘ୍ର ଚଢାଉ କରି ନକଲି ସାମଗ୍ରୀ ବଜାରରୁ ଜବତ କରିବୁ ବୋଲି ଟାଉନ ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି କହିଛନ୍ତି।

## ବାହାର ଜିଲ୍ଲା ମାଲିକଙ୍କ ଗାଡିକୁ ବିରୋଧ: ୨ ଘଣ୍ଟା ରାସ୍ତା ଅବରୋଧ



କେନ୍ଦ୍ରାପଡା (ପିଏନ୍): ପାରାଦ୍ୱୀପରୁ ଜିପସମ ପରିବହନ କରୁଥିବା ବାହାର ଜିଲ୍ଲାର ଟ୍ରକକୁ କେନ୍ଦ୍ରାପଡ଼ା ଓ ପାରାଦ୍ୱୀପ ଟ୍ରକ ମାଲିକମାନେ ବିରୋଧ କରି ଗାଡି ଅଟକାଇଥିଲେ। କେନ୍ଦ୍ରାପଡ଼ା ଓ ପାରାଦ୍ୱୀପ ଟ୍ରକ ମାଲିକ ସଂଘ ଅଭିଯୋଗ କରିଥିଲେ ଯେ ସେମାନଙ୍କୁ ଜିପସମ ପରିବହନ କରିବା ପାଇଁ ଅନୁମତି ମିଳୁନାହିଁ। କିନ୍ତୁ ଜିଲ୍ଲା ବାହାରର ଟ୍ରକକୁ ଏ ନେଇ ଅନୁମତି କିପରି ଦିଆଯାଉଛି ! ଏହି ଅଭିଯୋଗ କରି ୨ ଘଣ୍ଟା ମାର୍ଶାଘାଇ ଥାନା ଅନ୍ତର୍ଗତ ଜାତୀୟ ରାଜପଥର ବେଲାର ନୂଆଗାଁ ନିକଟରେ ଟ୍ରକଗୁଡିକୁ ଅଟକ ରଖାଯାଇଥିଲା। ଖବର ପାଇ ମାର୍ଶାଘାଇ ଥାନାଧିକାରୀ ପି.କେ. କାନୁନଗୋ, ପାଟକୁରା ଥାନାଧିକାରୀ ସରୋଜ ସାହୁ, ମହାକାଳପଡ଼ା ଥାନାଧିକାରୀ ମନୋରଞ୍ଜନ ଚୌଧୁରୀ, ମେରାଇନ୍ ଥାନାଧିକାରୀ ପରେଶ ଦାସଙ୍କ ସମେତ ଏକ ପ୍ଲାଟୁନ୍ ପୁଲିସ ଫୋର୍ସ ଘଟଣା ସ୍ଥଳରେ ପହଞ୍ଚି ବଳ ପ୍ରୟୋଗ କରି ଅବରୋଧ ହଟାଇଥିଲେ। ଫଳରେ ପରିବହନ ସ୍ୱାଭାବିକ ହୋଇଥିଲା।

## ଯୋଗ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଫୁଲନଖରା (ପିଏନ୍)-ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ନଛିପୁର (ଗଙ୍ଗେଶ୍ୱର)ଠାରେ ଥିବା ଶୁଦ୍ଧାନନ୍ଦ ବିଦ୍ୟାଳୟରେ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ମୁଖ୍ୟ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ପଞ୍ଚଦିବସୀୟ ଯୋଗ କାର୍ଯ୍ୟକ୍ରମରେ ବ୍ରହ୍ମଚାରିଣୀ ମନିଷା ଚୈତନ୍ୟ ଯୋଗଦେଇ ଯୋଗାଭ୍ୟାସର ଉପକାରିତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ ବିଦ୍ୟାର୍ଥୀଙ୍କୁ ପ୍ରତ୍ୟେହ ଯୋଗ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ଉଦ୍‌ଯାପନ ଦିବସରେ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଏସ.ଆର. ପାଣିଗ୍ରାହୀ ଯୋଗଦେଇ ଶରୀର ନିରୋଗ ରଖିବାକୁ ହେଲେ ଯୋଗର ଜରୁରୀ ଆବଶ୍ୟକତା ରହିଛି ବୋଲି ମତ ଦେବା ସଙ୍ଗେସଙ୍ଗେ ପିଲାମାନଙ୍କୁ ଏହାର ଉପଯୋଗିତା ବାବଦରେ ଅବଗତ କରାଇଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ଅଭିଭାବକ ଉପସ୍ଥିତ ଥିଲେ।

## ରାଇମୋହନଙ୍କ ବିୟୋଗରେ ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ଶୋକସଭା

ଖୋର୍ଦ୍ଧା (ପିଏନ୍): ଓଡ଼ିଶା ସିନେମା ଜଗତରେ ନବେରୁ ଅଧିକ ଚଳଚ୍ଚିତ୍ରରେ ଖଳନାୟକ ଭୂମିକାରେ ଅଭିନୟ କରି ଦର୍ଶକମାନଙ୍କୁ ମୁଗ୍ଧ କରି ଆସିଥିବା ରାଇମୋହନ ପରିଡ଼ାଙ୍କ ବିୟୋଗରେ ଏକ ଶୋକସଭା ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦ ପକ୍ଷରୁ ବିଜେବି ନଗର ଗାୟତ୍ରୀ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ସୁଧୀର କୁମାର ମାନସିଂହ, ନିତ୍ୟ ନୂତନ କଳା ସଂସଦର ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଗୋଟିପୁଅ ନୃତ୍ୟଗୁରୁ ହେମନ୍ତ କୁମାର ବେହେରା, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଡ. ବୃନ୍ଦାବନ ପଣ୍ଡା, କବି ନାରାୟଣ ଦାସ, ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହ, କବି ଜ୍ୟୋତିପ୍ରଭା ପଟ୍ଟନାୟକ, ଗତିକୃଷ୍ଣ ଜେନା, ସ୍ମୃତିରଂଜନ ସାହୁ, ଯଯାତି ନାୟକ, ଜ୍ୟୋତିରଂଜନ ସାହୁ ପ୍ରମୁଖ ଯୋଗଦେଇ କହିଥିଲେ ଯେ, ସ୍ୱର୍ଗତଃ ରାଇମୋହନଙ୍କ ଅଭିନୟ ଅତ୍ୟନ୍ତ ଚିତାକର୍ଷକ ଥିଲା। ନିରୁତା ଓଡ଼ିଆଭାବ ତାଂକ ଅଭିନୟରେ ଭରିରହିଥିଲା। କେବଳ ଓଡ଼ିଆ ନୁହେଁ, ବଙ୍ଗଳା ଚଳଚ୍ଚିତ୍ରରେ ମଧ୍ୟ ରାଇମୋହନ ନିଖୁଣ ଖଳନାୟକର ଅଭିନୟ କରିଥିଲେ। ଯାତ୍ରାରେ ମଧ୍ୟ ସେ ପାରଦର୍ଶୀ ଅଭିନୟ କରିବା ସହ ନିର୍ଦ୍ଦେଶନା ବି ଦେଉଥିଲେ। ସମସ୍ତଂକ ସହ ସହଜରେ ମିଶିପାରୁଥିବା ଏହି ଅଭିନେତାଙ୍କ ବିୟୋଗ ଓଡ଼ିଶାର କଳା, ସଂସ୍କୃତି ଜଗତ ପାଇଁ ବିପୁଳ କ୍ଷତି ବୋଲି ଆଲୋଚକମାନେ ମତପ୍ରକାଶ କରିଥିଲେ। ସଂସଦର ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ବର୍ଙ୍ଗଦା ପଂଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଓଡିଶା ମୋ ପରିବାର ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିନେଇ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ନେତୃତ୍ୱ ଓ ଖୋର୍ଦ୍ଧା ଜିଲ୍ଲା ସଂଯୋଜକ ଦିଲ୍ଲୀପ ହୋତାଙ୍କ ସଂଯୋଜନାରେ ରକ୍ତଦାନ ଶିବିରରୁ ମୋଟ ୩୩ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଶରତ ପାଲଟାସିଂହ, ନିମାଇଁ ମହାରଣା, ପୂର୍ଣ୍ଣ ସାମନ୍ତରାୟ ଓ ସୁବାସ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କାର୍ଯ୍ୟକ୍ରମର ସଂଯୋଜକ ଶ୍ରୀ ହୋତା ରକ୍ତଦାତାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Friday March 22, 2024 ଭୁବନେଶ୍ୱର ଶୁକ୍ରବାର, ମାର୍ଚ୍ଚ ୨୨,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


## ବିଶ୍ୱ କବିତା ଦିବସ ଅବସରରେ ସାହିତ୍ୟ ଏକାଡେମୀର ବହୁଭାଷୀ କବି ସମ୍ମିଳନୀ



କୋଲକାତା,(ପି.ଏନ): ସ୍ଥାନୀୟ ସାହିତ୍ୟ ଏକାଡେମୀ ପ୍ରେକ୍ଷାଳୟରେ ବିଶ୍ୱ କବିତା ଦିବସ ଅବସରରେ ଏକ ବହୁଭାଷୀ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ସାହିତ୍ୟ ଏକାଡେମୀ, କୋଲକାତା କାର୍ଯ୍ୟାଳୟର ଆଞ୍ଚଳିକ ସଚିବ ଡକ୍ଟର ଦେବେନ୍ଦ୍ର କୁମାର ଦେବେଶ। ସଭାପତି ଭାବେର ଯୋଗ ଦେଇ ବିଶିଷ୍ଟ ହିନ୍ଦୀ କବି ପ୍ରଭାତ ପାଣ୍ଡେ କବିତାର ଗୁରୁତ୍ୱ ଏବଂ ସୌନ୍ଦର୍ଯ୍ୟବୋଧ ଉପରେ ଆଲୋକପାତ କରିଥିଲେ। ଏଥି ସହିତ ସେ ସ୍ୱରଚିତ ହିନ୍ଦୀ କବିତା ପାଠ କରିଥିଲେ। ନିମନ୍ତ୍ରିତ କବି ରାହୁଲ ପୁରକାୟସ୍ଥ ବଙ୍ଗଳା କବିତା ଫଯେ ଦିଗେ ଗୃହେର ପଥ' ପାଠ କରିଥିବାବେଳେ ଇଂରାଜୀ ଭାଷାର କବି ନିଶି ପୁଲୁଗୁର୍ଥା ଫଜଷ୍ଟ ଏ ଫିଉ ବ୍ରିକ୍ସ ରିମେନ' ଓ ଫଦି ଏମ୍ପଟି ହାଉସଫ ଆଦି କବିତା ପାଠ କରିଥିଲେ। ସେହିପରି ମୈଥିଳି ଭାଷାର ଯୁବ କବି ରୂପେଶ ତିଓଥ ଫସୀତା-ସୁଭିତା', ଫଇମାଜି ଏହି ଯୁଗ ମେଁ' ଓ ଫଫିରନ ସୁତଲେ ରହି ଗେଲ' ଶୀର୍ଷକ କବିତା ପଢିଥିଲେ। କାର୍ଯ୍ୟକ୍ରମ ସଂଯୋଜନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ସାହିତ୍ୟ ଏକାଡେମୀର ସହକାରୀ ସଂପାଦକ କ୍ଷେତ୍ରବାସୀ ନାଏକ।

## ନିଃସଙ୍ଗ ନାୟକ' ନାଟକ ପରିବେଷଣ କରି କବିଚନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲା କ୍ୟାନମାସ

ପାରାଦୀପ,(ପି.ଏନ): ବନ୍ଦର ସହର ପାରାଦୀପ ର ଜୟଦେବ ସଦନରେ ଚଳିତ ମାସ ୧୯ ତାରିଖରୁ ଆରମ୍ଭ ହୋଇଥିବା ୮ ଦିନ ବ୍ୟାପି ଜାତୀୟ ନାଟକ ମହୋତ୍ସବ କ୍ୟାନଫେଷ୍ଟ-୨୦୨୪ ସଫଳତାର ସହ ଆଗେଇଚାଲିଛି। ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ କ୍ୟାନମାସ ଦ୍ୱାରା ଆୟୋଜିତ ଏହି ମହୋତ୍ସବରେ ରାଜ୍ୟ ତଥା ଦେଶର ପ୍ରତିଷ୍ଠିତ ନାଟ୍ୟ ସଂସ୍ଥା ଓ କଳାକାର ମାନଙ୍କ ଦ୍ୱାରା ଉଚ୍ଚକୋଟିର ନାଟକ ପରିବେଷିତ ହେଉଅଛି। ତେବେ କାର୍ଯ୍ୟକ୍ରମ ର ତୃତୀୟ ସନ୍ଧ୍ୟାରେ ଶ୍ରୀମନ୍ ନାରାୟଣ ମିଶ୍ରଙ୍କ ନିର୍ଦ୍ଦେଶିତ ତଥା କ୍ୟାନମାସ ଅନୁଷ୍ଠାନ ର ୩୪ ଜଣ କଳାକାର ଙ୍କ ଦ୍ୱାରା 'ନିଃସଙ୍ଗ ନାୟକ' ନାଟକ ପ୍ରଦର୍ଶିତ ହୋଇଥିଲା। ୧୪୫ ମିନିଟ ର ଏହି ନାଟକରେ କିମ୍ବଦନ୍ତୀ ଓଡିଆ ସାଂସ୍କୃତିକ ବ୍ୟକ୍ତିତ୍ୱ କବିଚନ୍ଦ୍ର କାଳିଚନ୍ଦ୍ର ପଟ୍ଟନାୟକଙ୍କ ଜୀବନୀ ଏବଂ ଓଡ଼ିଆ ନୃତ୍ୟ, ସଂଗୀତ, କବିତା ଓ ନାଟକ ପ୍ରତି ତାଙ୍କର ଉଲ୍ଲେଖନୀୟ ଅବଦାନ ଉପରେ ଆଲୋକପାତ କରାଯାଇଥିଲା କ୍ଷ ସୂଚ଼ନାଥାଉକି ଥିଏଟର, ସାହିତ୍ୟ,କବିତା ନାଟ୍ୟଶାଳା ରେ ବିସ୍ତୃତ କାର୍ଯ୍ୟ ପାଇଁ ଜଣାଶୁଣା ଶ୍ରୀମନ ନାରାୟଣ ମିଶ୍ର ଙ୍କ ପ୍ରଚେଷ୍ଟାରେ ଦୀର୍ଘ ୨୦ ବର୍ଷରୁ ଅଧିକ ସମୟ ଧରି ତାଙ୍କ କ୍ୟାନଫେଷ୍ଟ ଥିଏଟର ଗ୍ରୁପ୍ ସହିତ ଜାତୀୟ ନାଟ୍ୟ ମହୋତ୍ସବ ଆୟୋଜନ କରିଆସୁଛନ୍ତି। ନାଟକ 'ନିଃସଙ୍ଗ ନାୟକ' ରେ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ଉଲ୍ଲେଖନୀୟ ଯାତ୍ରା ଚିତ୍ରିତ ହୋଇଛି କ୍ଷ ଯେଉଁଥିରେ ଓଡ଼ିଶୀ ନୃତ୍ୟ, ସଙ୍ଗୀତ, କବିତା ଏବଂ ଥିଏଟରରେ ତାଙ୍କର ମହତ୍ୱପୂର୍ଣ୍ଣ ଅବଦାନ ସମ୍ପର୍କରେ ଅବତାରଣା କରାଯାଇଛି। ଏହି ନାଟକକୁ ଭରପୁର ଦର୍ଶକଙ୍କୁ ବେସ ପ୍ରଭାବିତ କରିଥିବାର ଦେଖିବାକୁ ମିଳିଥିଲା କ୍ଷ ତେବେ ଶୁକ୍ରବାର ଚତୁର୍ଥ ସନ୍ଧ୍ୟାରେ ଭୋପାଳ ର 'ହମ' ନାଟ୍ୟ ସଂସ୍ଥା ଦ୍ୱାରା ହିନ୍ଦୀ ନାଟକ 'ୟାୟାତି' ପରିବେଶଣ କରାଯିବ।

## କାମରେ ଆସୁନି ପାନୀୟ ଜଳ ପ୍ରକଳ୍ପ ୪୫ ପାଣି ଟାଙ୍କିରୁ ୩୫ ଆକାମୀ

କାକଟପୁର,(ପି.ଏନ): ଲୋକଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟ ନେଇ କାକଟପୁର ବ୍ଲକର ପ୍ରତି ଗ୍ରାମପଞ୍ଚାୟତରେ କୋଟି କୋଟି ଟଙ୍କା ବ୍ୟୟରେ ବସୁଧା ଯୋଜନାରେ ନିର୍ମାଣ ହେଇଛି ଏକାଧିକ ପାନୀୟ ଜଳ ପ୍ରକଳ୍ପ। ହେଲେ ଅଧିକାଂଶ ସ୍ଥାନରେ ପ୍ରକଳ୍ପ ଗୁଡିକ ନିର୍ମାଣ ସରିବା ପରେ ସଠିକ ଭାବେ କାର୍ଯ୍ୟକ୍ଷମ ହେଉନାହିଁ କ୍ଷ ଯାହା ଫଳରେକି କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏକାଧିକ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଲୋକଙ୍କ କାମରେ ଆସୁନଥିବା ବେଳେ ଗ୍ରୀଷ୍ମ ପ୍ରବାହରେ ଅନେକ ସ୍ଥାନରେ ଲୋକେ ପାଣି ପାଇଁ ତହଳ ବିକଳ ହେଉଛନ୍ତି। କାକଟପୁର ବ୍ଲକର ୧୬ ଗୋଟି ଗ୍ରାମପଞ୍ଚାୟତରେ ୪୫ ରୁ ଉର୍ଦ୍ଧ ବସୁଧା ଯୋଜନାରେ ନିର୍ମିତ ପାଣି ଟାଙ୍କି ଥିବା ବେଳେ ସେଥିରୁ ୩୫ ଟି ପାଣି ଟାଙ୍କି ଅଚଳ ଥିବା ଏକ ଅନୁସନ୍ଧାନରୁ ଜଣାପଡିଛି। ବିଭାଗୀୟ ଅଧିକାରୀଙ୍କ କାଗଜ କଲମରେ ସବୁ ପ୍ରକଳ୍ପ ଗୁଡିକ ସଚଳ ଥିବା କୁହାଯାଉଛି। ଯେଉଁଠି ପଞ୍ଚାୟତ ସରପଞ୍ଚଙ୍କ ଅଭିଯୋଗକୁ ବିଭାଗୀୟ ଯନ୍ତ୍ରୀ ଗ୍ରହଣ କରୁନାହାନ୍ତି ସେଠି ପାନୀୟ ଜଳ ପ୍ରକଳ୍ପ ଗୁଡିକ କିଭଳି କାର୍ଯ୍ୟକାରୀ ହେଉଥିବ ତାହା ସହଜରେ ବାରି ହୋଇ ପଡୁଛି। (ବୋରୱେଲ)ଠାରୁ ଆରମ୍ଭ କରି ପାଣି ଟାଙ୍କି ନିର୍ମାଣ, ପାଇପ ବିଛା ଏବଂ ଷ୍ଟାଣ୍ଡପୋଷ୍ଟ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତାକୁ ଆପଣେଇ ଲକ୍ଷ ଲକ୍ଷ ଟଙ୍କା ଅନାୟାସରେ ହରିଲୁଟ ହୋଇଛି ବୋଲି କେତେକ ଠିକାଦାର ନିଜ ନାମକୁ ଗୋପନ ରଖି ପ୍ରକାଶ କରିଛନ୍ତି। ଅଞ୍ଚଳରେ ମାଳ ମାଳ ଟାଙ୍କି ନିର୍ମାଣ ହୋଇଛି, କିନ୍ତୁ ଅଧିକାଂଶ ଟାଙ୍କିକୁ ପାଣି ଉଠୁନି। ଟାଙ୍କିରେ ପାଣି ଲୋଡ଼ ହେଲେ ଟାଙ୍କିରୁ ପାଣି ଲିକେଜ ହେଉଥିବାରୁ କେତେକ ସ୍ଥାନରେ ସିଧା ସଳଖ ମୋଟର ଯୋଗେ ପାଣି ଯୋଗାଣ ହେଉଛି। ଏମିତିକି ନିମ୍ନମାନର ପାଇପ ବିଛା ସାଙ୍ଗକୁ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା କରାଯାଇଥିବାରୁ କେଉଁଠି ପାଇପରୁ ଆପେ ଆପେ ପାଣି ବାହାରି ରାସ୍ତା ଭାସୁଥିବା ବେଳେ ଆଉ କେଉଁଠି ଷ୍ଟାଣ୍ଡପୋଷ୍ଟରୁ ଆଦୌ ପାଣି ବାହାରୁନାହିଁ। ଅଚଳ ପାଣି ଟାଙ୍କିରେ ରଙ୍ଗ ବୋଳି ବିଭାଗ ମାଲା ମାଲ ହେଉଥିବା ଲୋକେ ଅଭିଯୋଗ କରୁଛନ୍ତି କ୍ଷ ଅପରପକ୍ଷରେ କାକଟପୁର ଜଳ ପରିମଳ ବିଭାଗ କାର୍ଯ୍ୟକ୍ଷ ଲୟ ସବୁବେଳେ ବନ୍ଦ ରହୁଥିବା ବେଳେ ଯନ୍ତ୍ରୀ ସ୍ୱାସ୍ଥ୍ୟ ଗତ କାରଣରୁ ଅଫିସ ଆସୁନଥିବା ବେଳେ ଘରେ ରହି କିଭଳି ଦରମା ପାଉଛନ୍ତି ତାହା ତଦନ୍ତ ସାପେକ୍ଷ.ପୁରୀ ଜିଲ୍ଲାପାଳ ଏଦିଗରେ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବୀ ହେଉଛି।

## ଜିଲ୍ଲାର ସର୍ବପୁରାତନ ଉଚ୍ଚଶିକ୍ଷାନୁଷ୍ଠାନର ଦୁର୍ଦ୍ଦିନରେ ପରିଚାଳନା ପରିଷଦ ନୀରବ ଦ୍ରଷ୍ଟା କାହିଁକି ?

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ହେଉଛି ଏହି ଜିଲ୍ଲାର ସର୍ବପ୍ରାଚୀନ ଓ ସର୍ବବୃହତ ଉଚ୍ଚଶିକ୍ଷାନୁଷ୍ଠାନ। ଏହି କମ୍ପୋଜିଟ ଶିକ୍ଷାନୁଷ୍ଠାନରେ ଏବେ ଯୁକ୍ତ ଦୁଇ ସହ, ଯୁକ୍ତ ତିନି ସ୍ନାତକ ଓ କଳା, ବିଜ୍ଞାନ ଏବଂ ବାଣିଜ୍ୟ ଆଦି ୧୫ଟି ବିଷୟରେ ସ୍ନାତକୋତ୍ତର ଶିକ୍ଷା ପ୍ରଦାନ କରାଯାଏ। ଏହି ମହାବିଦ୍ୟାଳୟଟି ଏକ ସ୍ୱୟଂଶାସିତ ଶିକ୍ଷାନୁଷ୍ଠାନ ଭାବେ ବିବେଚିତ ଓ ବିଗତ ଦୁଇଦୁଇ ଥର ନାକ୍ ମାନ୍ୟତାରେ 'ଏ' ଗ୍ରେଡ଼ ପ୍ରାପ୍ତ। କିନ୍ତୁ ସଂପ୍ରତି ଏହି ଅଗ୍ରଣୀ ଶିକ୍ଷାନୁଷ୍ଠାନଟି ଉଭୟ ସ୍ୱୟଂଶାସନ ଓ ନାକ୍ ମାନ୍ୟତା ବିହୀନ ଏବଂ ଦୁଇବର୍ଷ ପୂର୍ବରୁ ସେହି ଅବଧି ଶେଷ ହୋଇଯାଇଛି। ପ୍ରତି ୫/୬ ବର୍ଷରେ ଏହି ସ୍ୱୟଂଶାସନ ଓ ନାକ୍ ମାନ୍ୟତା ନବୀକରଣ ହୋଇଥାଏ। ଏହାର ସ୍ୱୟଂଶାସନ ଅବଧି ୨୦୧୯ରେ ଏବଂ ନାକ୍ ମାନ୍ୟତା ୨୦୨୧ରେ ସମାପ୍ତ ହୋଇଯିବା ପରେ, ଏହି ଶିକ୍ଷାନୁଷ୍ଠାନ ଏବେ ସାଧାରଣ ଶିକ୍ଷାନୁଷ୍ଠାନରେ ପରିଣତ ହେବାକୁ ବସିଛି। ଐତିହ୍ୟପୂର୍ଣ୍ଣ ଏହି ଶିକ୍ଷାନୁଷ୍ଠାନ ଏପରି ଦୁର୍ଦ୍ଦିନ ଭିତରେ ଗତିକରୁଥିବା ବେଳେ ତା'ର ପରିଚାଳନା ପରିଷଦ କିନ୍ତୁ ଏଥିରେ ନୀରବଦ୍ରଷ୍ଟା ସାଜିଥିବା ଦେଖିବାକୁ ମିଳିଛି। ତା'ର କାର୍ଯ୍ୟଧାରାକୁ ଦେଖିଲେ ମନେହୁଏ ଯେମିତି ଏଥିରେ ତା'ର କିଛି ଯାଏ ଆସେ ନାହିଁ। ନାକ୍ ମାନ୍ୟତା ନବୀକରଣ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବାରୁ ଗତ ଦୁଇବର୍ଷ ଆଗରୁ ଆସିଥିବା ୟୁଜିସି ଟିମ୍ କଲେଜର ସ୍ୱୟଂଶାସନର ସଂପ୍ରସାରଣକୁ ମଧ ବନ୍ଦ କରି ଦେଇଛନ୍ତି ଓ ନାକ୍ ମାନ୍ୟତା ପାଇଁ ଆନୁଷ୍ଠାନିକ ଆବେଦନ (ଏସ.ଏସ.ଆର.)କୁ ସେ ପାଇଁ ସର୍ବନିମ୍ନ ଆବଶ୍ୟକତା ବୋଲି ଜଣାଇଛନ୍ତି। ଚଳିତ ପରିଚାଳନା ପରିଷଦ ଦାୟିତ୍ୱ ନେବା ଆଜିକୁ ପ୍ରାୟ ଅଢେଇ ବର୍ଷ ହେଲାଣି। ଏହି ଅବଧିକାଳରେ ମଧ ୟୁଜିସିର ନିର୍ଦ୍ଧାରଣ ଅନୁଯାୟୀ ବିବରଣୀ ପ୍ରଦାନ ଓ ଭିତ୍ତିଭୂମିର ସଂପ୍ରସାରଣ କରାଯାଇ ପାରିଲା ନାହିଁ। ବରଂ ବିଗତ ଦୁଇବର୍ଷ ନିଷ୍କ୍ରିୟତା ଅଥବା ନିର୍ମାଣ ଆଳରେ ଆକଣ୍ଠ ଦୁର୍ନୀତିରେ ବୁଡ଼ି ରହିଲା। ଯାହାର ଦୁର୍ଗନ୍ଧ ଏବେ ସୁଦ୍ଧା ନାକରୁ ଯାଉନାହିଁ। ହେଲେ ଏହି ଅପହୃତ ସ୍ୱୟଂଶାସନ ଓ ନାକ୍ 'ଏ' ଗ୍ରେଡ଼ ମାନ୍ୟତାର ଗୌରବ କିପରି ଫେରାଇ ଅଣାଯାଇ କଲେଜର ମର୍ଯ୍ୟାଦା ରକ୍ଷା କରାଯାଇ ପାରିବ ସେ ପାଇଁ ଚିନ୍ତା ନ କରି ଏହି ପରିଚାଳନା ପରିଷଦ ଯେପରି ନିଘୋଡ଼ ନିଦରେ ଶୋଇଯାଇଛି। ସୁଯୋଗ ପାଇଲେ ନିଜ କ୍ଷମତା ବଳରେ ଏହି ଶିକ୍ଷାନୁଷ୍ଠାନକୁ ବରଂ ଅଧିକ ଅସ୍ଥିର ଓ ନିଷ୍କ୍ରିୟ କରୁଛି। ପରିଚାଳନା ପରିଷଦର ବର୍ତ୍ତମାନର ସଭାପତି ହେଉଛନ୍ତି ଡ଼ାକ୍ତର ବାସୁଦେବ ପାତ୍ର। ବୃତ୍ତିରେ ଜଣେ ଡ଼ାକ୍ତର। ଏହି ପଦବୀ ସେ ପାଇବା ବେଳେ, ଜିଲ୍ଲାର ଶିକ୍ଷାପ୍ରେମୀଙ୍କ ମନରେ ଏକ ଆଶାର ସଞ୍ଚାର ହୋଇଥିଲା। ହେଲେ ତାହା ବେଶି ଦିନ ରହିଲା ନାହିଁ। ଅନୁଷ୍ଠାନର ଏହି ଅବକ୍ଷୟକୁ ରୋଧ କରିବାରେ ସେ କାରଣ ହୁଅନ୍ତେ କ'ଣ ବରଂ ସେ କଲେଜର ଅଚଳାବସ୍ଥା ପାଇଁ ନିଜେ କାରଣ ହୋଇଯାଉଛନ୍ତି। ଗତ ନଭେମ୍ବର ମାସରେ ପ୍ରାକ୍ତନ କଲେଜ ଅଧକ୍ଷ ଅବସର ନେବା ପରେ, ଯିଏ ଦାୟିତ୍ୱ ନେଇଥାନ୍ତେ, ତାଙ୍କ ବିରୁଦ୍ଧରେ ଅକାରଣରେ ସରକାରଙ୍କୁ ସୁପାରିଶ କରି ବଦଳି କରାଇଦେଲେ। ସେ ଥିଲେ କଲେଜର ଏକମାତ୍ର ୟୁଜିସି ବେତନପ୍ରାପ୍ତ ଆସୋସିଏଟ୍ ପ୍ରଫେସର ଡ଼କ୍ଟର ସଞ୍ଜୀବ କୁମାର ମହାନ୍ତି। ତାଙ୍କ ବଦଳରେ ଯାହାଙ୍କୁ ଅଧକ୍ଷ ପଦବୀରେ ବସାଇବାକୁ ସେ ଯେଉଁ ଖେଳ ଖେଳିଲେ, ତା'ର ପରିଣତିରେ ଏହି କଲେଜର ଅଧକ୍ଷ ପଦ ଆଜି ଉଚ୍ଚନ୍ୟାୟାଳୟର ଆଇନ କସରତ ଭିତରେ ବନ୍ଧା ପଡ଼ିଯାଇଛି। ଶେଷରେ ଉଚ୍ଚନ୍ୟାୟାଳୟ ନିର୍ଦ୍ଦେଶରେ ନିକଟସ୍ଥ ବିରୂପା କଲେଜର ଅଧକ୍ଷଙ୍କୁ ଏହି ମହାବିଦ୍ୟାଳୟର କାମଚଳା ଦାୟିତ୍ୱ ଦିଆଯାଇଛି। ସେପଟେ ୟୁଜିସି ଓ ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ନାକ୍ ମାନ୍ୟତା ପାଇଁ ସବୁ ଦଲିଲ୍ ଚଳିତ ମାର୍ଚ୍ଚ ୩୦ ମଧ୍ୟରେ ଦାଖଲ ପାଇଁ ହୁଲିଆ ଜାରି କରିଛନ୍ତି। ତା' ସାଙ୍ଗକୁ ନିର୍ବାଚନ କାମ ପାଇଁ କଲେଜ ପ୍ରାୟତଃ ଅଧା ବନ୍ଦ। କାମଚଳା ଅଧକ୍ଷଙ୍କ ଆଗରେ ହଠାତ୍ ଠିଆ ହୋଇଯାଇଛି ପାହାଡପରି ବିରାଟ ଆହ୍ୱାନ। କ୍ଷମତାର ବିବେକହୀନ ପ୍ରୟୋଗ କିପରି ଏକ ଉଚ୍ଚଶିକ୍ଷାନୁଷ୍ଠାନକୁ ତଳିତଳାନ୍ତ କରିଦେଇପାରେ ଏବେ କେନ୍ଦ୍ରାପଡ଼ା କଲେଜ ତା'ର ନମୁନା ବନିଯାଇଛି। ଏହି ଶିକ୍ଷାନୁଷ୍ଠାନର ଯାତନା ମଧ ଏତିକିରେ ସରୁନାହିଁ। ଅବସରପ୍ରାପ୍ତ ପୂର୍ବର୍ତନ ଅଧକ୍ଷ ପରିଚାଳନା ପରିଷଦର ଅନେକ ସୁଚିନ୍ତିତ ପ୍ରସ୍ତାବକୁ କାର୍ଯ୍ୟକାରୀ ନ କରି କଲେଜକୁ ଅଧିକ ବିପର୍ଯ୍ୟୟ ଭିତରକୁ ଠେଲିଦେଇଛନ୍ତି ଏବଂ ତାକୁ ରୋଧ କରିବାକୁ ଯେପରି କେହି ନାହାନ୍ତି। ଉଦାହରଣ ସ୍ୱରୂପ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଆବଶ୍ୟକ ସ୍ଥଳେ ଖୋଦ ସରକାର ଷାଠିଏ ବର୍ଷ ପରେ ଆଉ ମାତ୍ର ପାଞ୍ଚ ବର୍ଷ ଅତିରିକ୍ତ ନିଯୁକ୍ତି ଦେଉଥିବା ବେଳେ ଏଠାରେ ପଞ୍ଚସ୍ତରୀ ବର୍ଷପାର କର୍ମଚାରୀଙ୍କୁ ଏହି ସେବାରୁ ନିବୃତ୍ତ ପାଇଁ ପ୍ରସ୍ତାବ ଗ୍ରହଣ ସତ୍ୱେ ରଖାଯାଇଛି ଓ ଦରମା ମଧ ଦିଆଯାଉଛି। ସେଭଳି ଏକ କର୍ମଚାରୀଙ୍କୁ ଅଫିସରେ ବସାଇ ସର୍ଭିସବୁକ୍ ଓ ପେନସନ୍ ଆଦି କାମ କରିବାକୁ ଦିଆଯାଉଛି। ସେ ସେଥିରେ ବି ଦସ୍ତଖତ କରୁଛନ୍ତି। ଏହା ଅବୈଧ ଓ ଅନୁଚିତ୍। ଏତଦଭିନ୍ନ କଲେଜକୁ ଆଦୌ ଆସୁନଥିବା କର୍ମଚାରୀଙ୍କୁ ଛଟେଇ ପାଇଁ ନିଷ୍ପତି ହୋଇଥିଲେ ମଧ ତାକୁ କାର୍ଯ୍ୟକାରୀ କରାଯାଉନାହିଁ ବରଂ ଛାତ୍ରଛାତ୍ରୀଙ୍କ ଠାରୁ ଆଦାୟ ହେଉଥିବା କଷ୍ଟଲବ୍ଧ ବିକାଶ ପାଣ୍ଠିକୁ ସେମାନଙ୍କୁ ଦରମା ନାମରେ ବରବାଦ କରିବାକୁ ଦ୍ୱାର ଉନ୍ମୁକ୍ତ ରଖାଯାଇଛି। ଏତାଦୃଶ କାମପଛରେ ସଭାପତିଙ୍କର ସ୍ୱୀକୃତି ନରହିଲେ ଏହା କଣ କେବେ ହୋଇପାରନ୍ତା ବୋଲି ଜନସାଧାରଣ ଚର୍ଚ୍ଚା କରିବା ଆରମ୍ଭ କରିଦେଇଛନ୍ତି। ଏଇ ଅନୁଷ୍ଠାନର ନିର୍ମାଣ ତଥା ବିକାଶ କାର୍ଯ୍ୟରେ ଦିନେ ଜିଲ୍ଲାର ମାନ୍ୟଗଣ୍ୟ ବ୍ୟକ୍ତି ଯଥା ସ୍ୱର୍ଗତଃ ଦୀନବନ୍ଧୁ ସାହୁ, ନିମାଇଁ ଚରଣ ଦାସ, ପ୍ରହ୍ଲାଦ ମଲ୍ଲିକ, ଭାଗବତ ପ୍ରସାଦ ମହାନ୍ତି, ଡା. ସରୋଜକାନ୍ତ କନୁନଗୋ, ବେଦପ୍ରକାଶ ଅଗ୍ରୱାଲ, ଭାବଗ୍ରାହୀ ମିଶ୍ର ଓ ଡକ୍ଟର ବେଣୁଧର ପ୍ରଧାନଙ୍କ ଭଳି ପ୍ରବୀଣ ବ୍ୟକ୍ତିମାନେ ସଂପୃକ୍ତ ଥିଲେ ଓ ଏହାକୁ ଏକ ସମୃଦ୍ଧ ଶିକ୍ଷାନୁଷ୍ଠାନରେ ପରିଣତ କରିବାକୁ ଆପ୍ରାଣ ଚେଷ୍ଟା କରିଥିଲେ। ସେଇ ପୃଷ୍ଠଭୂମିରେ ଆଜିର ପରିଚାଳନା ପରିଷଦ ଅନ୍ତତଃ ନିଦ୍ରାରୁ ଉଠି କଣ କରିବା ଉଚିତ୍ ହେଜିବା ଦରକାର ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଉଛି। ଶୁଭସ୍ୟ ଶୀଘ୍ରମ୍।

## ହରିଶଙ୍କରରେ ବିଶ୍ୱ ଜଙ୍ଗଲ ଦିବସ ପାଳିତ

ଖପ୍ରାଖୋଲ,(ପିଏନ): ଖପ୍ରଖୋଲ ବ୍ଲକ ହରିଶଙ୍କର ରେଞ୍ଜ ତରଫରୁ ବିଶ୍ୱ ଜଙ୍ଗଲ ଦିବସ ବନବିଭାଗ ସଭାଗୃହ ଠାରେ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରରେ ରେ ହରିଶଙ୍କର ବନପାଳ ରଞ୍ଜିତ କୁମ୍ଭାର ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ହରିଶଙ୍କର ବନାଞ୍ଚଳ ଅଧିକାରୀ ସୁନିଲ କୁମାର ମିଶ୍ର, ମୁଖ୍ୟ ବକ୍ତା ରୂପେ ପରିବେଶ କର୍ମୀ ଅଭୟ ତ୍ରିପାଠୀ, ସମ୍ମାନିତ ଅତିଥି ରୂପେ ଫୁଲକିମୁଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ବେହେରା, ବରିଷ୍ଠ ଖବର ଦାତା ସୁଧାକର ଦାଶ, ଜ୍ୟୋତିରଂଜନ ପଣ୍ଡା, ଅଶୋକ ବାଗ ପ୍ରମୁଖ ଯୋଗଦେଇ ଜଙ୍ଗଲ ର ସଂରକ୍ଷଣ, ସୁରକ୍ଷା ଓ ପୁନଃ ଜନନ ଉପରେ ଆଲୋଚ଼ନା କରିବା ସହ ବନ୍ୟପ୍ରାଣୀ ଓ ପ୍ରାକୃତିକ ସମ୍ବଳ ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ।

## ମାଲକାନଗିରି ବନାଞ୍ଚଳ ଅଧିକାରୀ ଜଗନ୍ନାଥ ବିଷୋୟୀ ପୁରସ୍କୃତ



ମାଲକାନଗିରି,(ପି.ଏନ): ଆଜି ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ବିଶ୍ୱ ବନ ଦିବସ -୨୦୨୪ ଜୟଦେବ ଭବନ ଠାରେ ପାଳିତ ହୋଇଥିବା ବେଳେ ମାଲକାନଗିରି ବନାଞ୍ଚଳ ଅଧିକାରୀ ଜଗନ୍ନାଥ ପ୍ରସାଦ ବିଷୋୟୀ ଙ୍କ ସର୍ବୋତ୍ତମ କାର୍ଯ୍ୟ ପାଇଁ ଦକ୍ଷତା ପ୍ରମାଣପତ୍ର ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲ,ପରିବେଶ ଓ ଜଳବାୟୁ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚ଼ିବ ସତ୍ୟବ୍ରତ ସାହୁ, ସମ୍ମାନିତ ଅତିଥି ଭାବେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନ ବାହିନୀ ମୁଖ୍ୟ ଦେବିଦତ୍ତ ବିଶ୍ୱାଳ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ବନ୍ୟପ୍ରାଣୀ ସୁଶାନ୍ତ ନନ୍ଦ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ସଦର ମହକୁମା ପ୍ରଫୁଲ୍ଲ କୁମର ମଲ୍ଲିକ ଯୋଗ ଦେଇଥିଲେ। ସୂଚ଼ନା ଯୋଗ୍ୟ ଯେ ମାଲକାନଗିରି ବନାଞ୍ଚଳ ଅଧିକାରୀ ଜଗନ୍ନାଥ ବିଷୋୟୀ ତାଙ୍କର ତିନି ବର୍ଷର ରହଣୀ କାଳ ମଧ୍ୟରେ ସତୀ ଗୁଡ଼ ଇକୋ-ପାର୍କ ଓ ଯଦୁଗୁଡା ଇକୋ-ପାର୍କର ନବିକରଣ କରିଥିଲେ। ଯାହାକି ଅତି ସୁନ୍ଦର ପର୍ଯ୍ୟଟନ ସ୍ଥଳୀ ଭାବେ ଜନ ମନ ଆକର୍ଷଣୀୟ ହୋଇ ପାରିଛି। ସୁନ୍ଦର ପ୍ରାକୃତି ଦୃଶ୍ୟ ସହିତ ଇକୋ-ପାର୍କର ନବିକରଣ କରିବରେ ଶ୍ରୀ ବିଷୋୟୀଙ୍କ ପରିଶ୍ରମ ପ୍ରଶଂସନୀୟ। ସେହି ପରି ମୁଣ୍ଡଗୁଡା ଠାରେ ବଟନିକାଲ ଗାର୍ଡେନ ଓ ନବ ନିର୍ମିତ ଉଡାଜାହାଜ ପଡିଆ ସମ୍ମୁଖରେ ଅକ୍ସିଜେନ୍ ପ୍ଲାଣ୍ଟ ସୃଷ୍ଟି କରିବା ସହ ଜଙ୍ଗଲ ସୁରକ୍ଷା ଏବଂ ବନ୍ୟପ୍ରାଣୀ ସୁରକ୍ଷାରେ ତାଙ୍କର ଅବଦାନ ଅତୁଳନୀୟ। ଏଣୁ ଆଜି ଭୁବନେଶ୍ୱରର ଜୟଦେବ ଭବନ ଠାରେ ବିଶ୍ୱ ବନ ଦିବସରେ ମାଲକାନଗିରି ବନାଞ୍ଚଳ ଅଧିକାରୀ ଜଗନ୍ନାଥ ପ୍ରସାଦ ବିଷୋୟୀ ଙ୍କୁ ଆଜି ଦକ୍ଷତା ପ୍ରମାଣପତ୍ର ଦେଇ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ମାଲକାନଗିରି ବନଖଣ୍ଡ ଅଧିକାରୀ ପ୍ରତାପ କୋଟା ପଲ୍ଲୀ ଏବଂ ବନକର୍ମଚାରୀମାନେ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884, 2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray